# ଶ୍ୟାମଳ ସୁବର୍ଣ୍ଣ

## Shyamala Subarna

କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା (An Agriculture Related Quarterly Magazine)

ଜାନୁଆରୀ - ଏପ୍ରିଲ୍ ୨୦୨୧







ସମ୍ପାଦକ: ଡି.ଶୁଭମ୍

www.shyamalasubarna.com

# ଶ୍ୟାମଳ ସୁବର୍ଣ୍ଣ

## Shyamala Subarna

(କୃଷି ଭି ିକ ତ୍ରୈମାସିକ ପତ୍ରିକା)

(An Agriculture Related Quarterly Magazine)

**ମକର ବିଶେଷାଙ୍କ- ୨୦୨୧**

ତୃତୀୟ ବର୍ଷ ।। ଚତୁର୍ଥ ସଂଖ୍ୟା ।। ଜାନୁଆରୀ- ଏପ୍ରିଲ-୨୦୨୧

: ଉପଦେଷ୍ଟା :

ଭୁବନାନନ୍ଦ ଅଧିକାରୀ
ଗୌରାଙ୍ଗ ଚନ୍ଦ୍ର ଦାସ
ଡ. ଅରବିନ୍ଦ ଦାସ
ସୌମ୍ୟଶ୍ରୀ ପାଣିଗ୍ରାହୀ
ସୁବ୍ରତ କୁମାର ମହାନ୍ତି

: ସମ୍ପାଦନାମଣ୍ଡଳୀ :

ପ୍ରଜ୍ଞା ପରମିତା
ଚିନ୍ମୟ ଜେନା
ବିଜ୍ଞାନ ମିହିର ରାଉତ
ଶୁଭଶ୍ରୀ ସାହୁ
ଜଗଦାନନ୍ଦ ପ୍ରଧାନ

: ମୁଖ୍ୟ ସମ୍ପାଦକ :

ଡି.ଶୁଭମ୍

: ଯୋଗାଯୋଗ :

ବାସୁଦେବପୁର, ଭଦ୍ରକ-୭୫୬୧୨୫

ଭ୍ରାମ୍ୟଭାଷ-୯୪୩୮୪୬୭୦୭୯

Email- dshuvam97@gmail.com

ମୂଲ୍ୟ- ୩୦/- (ତିରିଶି ଟଙ୍କା) ମାତ୍ର

website- www.shyamalasubarna.com

'ଶ୍ୟାମଳ ସୁବର୍ଣ୍ଣ'
(କୃଷି ଭି ିକ ତ୍ରୈମାସିକ ପତ୍ରିକା)

ମୁଖ୍ୟ ସମ୍ପାଦକ : **ଡି. ଶୁଭମ୍**

ମାର୍ଗଦର୍ଶିକା ଓ ପ୍ରେରଣା: **ଶ୍ରୀମତୀ ମନ୍ଦାକିନୀ ଦାସ**
**ଡି. ସ୍ୱାତୀ**

ସହଯୋଗୀ ସମ୍ପାଦିକା - **ରୂପାଲି ମହାପାତ୍ର**

ଅକ୍ଷର ସଜ୍ଜା: **ମହେଶ ଟେକ୍ନୋଲଜି , ଭୁବନେଶ୍ୱର**

ମୁଦ୍ରଣ: **ମହେଶ ଟେକ୍ନୋଲଜି , ଭୁବନେଶ୍ୱର**
ଭ୍ରାମ୍ୟଭାଷ: ୭୦୦୮୧୮୪୮୬୧

ପ୍ରଚ୍ଛଦ : **ମହେଶ ଟେକ୍ନୋଲଜି**, ଭୁବନେଶ୍ୱର

ଇ-ସଂସ୍କରଣ : **ମହେଶ ଟେକ୍ନୋଲଜି**, ଭୁବନେଶ୍ୱର

ପ୍ରକାଶନ ସମୟ:- **ଜାନୁଆରୀ, ୨୦୨୧**

**ମୂଲ୍ୟ:- ୩୦/-**
**(ତିରିଶି ଟଙ୍କା ମାତ୍ର)**

## ସୂଚନା :

୧. ଏହା ଏକ କୃଷିଭି ିକ ତ୍ରୈମାସିକ ପତ୍ରିକା

୨. ପ୍ରତି ତିନିମାସରେ ଯଥା ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ୍, ଜୁଲାଇ- ସେପ୍ଟେମ୍ବର, ଅକ୍ଟୋବର- ଡିସେମ୍ବର ର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

୩. କୃଷି ଭି ିକ ଉପାଦେୟ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

୪. ଆବଶ୍ୟକ ଲେଖା ପ୍ରକାଶନ ଉପଯୋଗୀ ହେଲେ ତାହା ନିଶ୍ଚୟ ପତ୍ରିକାରେ ସ୍ଥାନିତ କରାଯିବ । କୃଷି ସମ୍ବନ୍ଧୀୟ ଗବେଷଣାତ୍ମକ ଲେଖାକୁ ଆମେ ଅଧିକ ଗୁରୁତ୍ୱ ଦେଇଥାଉ ।

୫. ଲେଖା ଗୁଡ଼ିକ ନିର୍ଭୁଲ ଭାବରେ ଡି.ଟି.ପି କରି ମେଲ୍/ ଠିକଣାରେ ପଠାଇବା ବାଞ୍ଛନୀୟ । ଲେଖକଙ୍କ ପୂର୍ଣ୍ଣ ଠିକଣା, ଫଟୋ ଓ ଫୋନ୍ ନମ୍ବର ରହିବା ଆବଶ୍ୟକ ।

'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ । ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ
**www.shyamalasubarna.com**

# SHYAMALA SUBARNA
# A Visionary Approach

Message of Founder



Agriculture is the backbone of Indian culture and economy . The economic development of our country mainly depends on agriculture as around 60% of our population are still involved in agriculture and allied sectors. Also, attaining food security will decrease our dependence on imports and further help to increase exports. So, agriculture and allied sector becomes the focal point for the Government. Agriculture is one of the most noble and selfless job. Farmers are the real son of the soil as they provide us with food which is the optimum necessity for our survival. The empowerment of farmers and improvement of the agriculture sector is an absolute necessity of the prevailing times and the youth of our country should shoulder the responsibility. They have a better understanding of the modern technical know how and energy which can be perfectly implemented in agriculture . The quarterly agriculture magazine **SHYAMALA SUBARNA** has been playing a major role for the development of farming community since 2years. The magazine is published both in print online edition and has reached more than 29000 readers in its website.

I wish a great future and a successful journey of magazine.

**Mr G.C. Das**

# Best Wishes

Message of Advisor



Shuvam and his team doing great work in publishing and releasing very poluplar magazine "Shyamala Subarna" . The magazine is regularly published in oriya language and it is benefitting a lot to farming community specially youth farmers in the state of Odisha.

I wish all the best for release of Makar issue 2021.

**Dr.Sahadeva Singh**
**Chief Policy Advisor, AIASA.**

# ଶୁଭେଚ୍ଛା ବାର୍ତ୍ତା



**କୃ**ଷି ଭାରତୀୟ ସଂସ୍କୃତିର ଆଧାର । ଆମେ କୃଷି ଉପରେ ପ୍ରତ୍ୟକ୍ଷ ଭାବରେ ନିର୍ଭର କରୁ । ଚାଷୀ ପାଇଁ ଆମେ ଖାଦ୍ୟ ଖାଇବାର ସ୍ୱପ୍ନ ଦେଖୁ । ବିଗତ ଦୁଇ ବର୍ଷରୁ ଅଧିକ ହେବ ଶ୍ୟାମଳ ସୁବର୍ଣ୍ଣ କୃଷିର ବିକାଶ ନିମନ୍ତେ ପ୍ରକାଶନ କରୁଥିବା ଏ ତ୍ରୈମାସିକ ପତ୍ରିକା ଏବେ ସାରା ଓଡ଼ିଶାରେ ବେଶ ଲୋକପ୍ରିୟ ହୋଇପାରିଛି । ବଳିଷ୍ଠ ଓ ଉପାଦେୟ ତଥା ତଥ୍ୟ ସମ୍ବିତ ଲେଖା ହିଁ ଏହାର ମାନ ବଢ଼େଇବାରେ ।ହାଯ୍ୟ କରିଛି । କରୋନା ସମୟରେ ବି ଇ –ମାଗାଜିନ ପ୍ରକାଶନ କରି ଏହା ଆଦୃତ ହୋଇପାରିଥିଲା ।

ନବବର୍ଷ ୨୦୨୧ ଉପଲକ୍ଷେ ସମସ୍ତ ଚାଷୀକୁଳ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ସହ ପତ୍ରିକାର ମକର ସଂଖ୍ୟା ଉପଲକ୍ଷେ ଅନେକ ଅଭିନନ୍ଦନ । ମହାପ୍ରଭୁଙ୍କ ନିକଟରେ ପତ୍ରିକାର ଦୀର୍ଘ ଜୀବନ କାମନା କରୁଛି ।

**ସତ୍ୟ ପ୍ରକାଶ ନନ୍ଦ**
**ଅଧ୍ୟକ୍ଷ ,**
**ଏମ୍ ଏସ୍ ସ୍ୱାମୀନାଥନ କୃଷି**
**ମହାବିଦ୍ୟାଳୟ, ପାରଳାଖେମୁଣ୍ଡି**




# ଭୁବନାନନ୍ଦ ଅଧିକାରୀ

କୀଟତ ୍ୱ ବିଭାଗ, ଓ.ୟୁ.ଏ.ଟି., ଭୁବନେଶ୍ୱର
(ଆଜୀବନ ସଭ୍ୟ, ଉତ୍କଳ ସାହିତ୍ୟ ସମାଜ)


## ହୃଦୟରୁ କିଛି କଥା....

ପରିବ୍ୟାପ୍ତ ଶ୍ୟାମଳ ସର୍ଜନାରେ ଶାଶ୍ୱତ ସୁବର୍ଣ୍ଣ ତ ୍ୱର ସନ୍ଧାନର ପ୍ରୟାସର ପଥଚାରୀ ଶ୍ୟାମଳ ସୁବର୍ଣ୍ଣ ' ବାସ୍ତବିକ ଯୁବ ଉଦ୍ଦାମ ।ର ଏକ ସର୍ଜନଶୀଳ ପରିପ୍ରକାଶ । ଓଡ଼ିଶାର କୃଷକ ସମାଜ ଓ କୃଷି ବିଜ୍ଞାନ ମଧ୍ୟରେ ଏକ ସୁଗମ୍ୟ ପଥ, ଯାହା ପାଇଁ କୃଷକ ସମାଜ ଉପକୃତ । ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ଶ୍ୟାମଳ ସୁବର୍ଣ୍ଣ ତା' ଉନ୍ନତି ପଥରେ ଏକ ମଗ୍ନ ସାଧକ ପରି ନିରବଚ୍ଛିନ୍ନ ଭାବେ ଅଗ୍ରସର । ନବବର୍ଷ ଉପଲକ୍ଷେ ପ୍ରକାଶ ପାଉଥିବା ଶ୍ୟାମଳ ସୁବର୍ଣ୍ଣର ମକର ସଂଖ୍ୟା ପାଇଁ ଉ ୋର ର ଉନ୍ନତି କାମନା କରିବା ସହ ଓଡ଼ିଶାର ସବୁ ଚାଷୀ ଭାଇ ଓ ଭଉଣୀ ମାନଙ୍କ ସାମଗ୍ରିକ ଶ୍ରୀବୃଦ୍ଧି କାମନା କରୁଛି । .

# ପାଠକୀୟ ମତ

**ଗାଁ ମାନଙ୍କରେ ଶ୍ୟାମଳ ସୁବର୍ଣ୍ଣ ପହଁଚାଇବା** ନିଶ୍ଚିତ ଭାବରେ ଏକ କଷ୍ଟକର ବ୍ୟାପାର ହୋଇଥିଲେ ବି ଛାତ୍ରଛାତ୍ରୀ ମାନଙ୍କ ଅକୁଣ୍ଠ ପରିଶ୍ରମ ହିଁ ସଫଳତାର କାରଣ । ନବବର୍ଷରେ ମକର ବିଶେଷାଙ୍କ ଅବସରରରେ ମୋର ଆନ୍ତରିକ ଶୁଭକାମନା । ପତ୍ରିକାର ଦୀର୍ଘଜୀବନ କାମନା କରୁଛି ।

**- ଗୋକୁଳ ଗୋପାଳ ଅଗସ୍ତି ,**
**ବେଦାନ୍ତ, ଲାଂଜିଗଡ଼**

ଓଡ଼ିଶା ଭଳି ଗ୍ରାମବହୁଳ ରାଜ୍ୟରେ କୃଷି ହିଁ ବିକାଶର ସର୍ବୋ ମ ମାଧ୍ୟମ । କୃଷିର ବିକାଶ ଘଟାଇ କୃଷକ ମନର ନୈରାଶ୍ୟ ଓ ହତାଶାଭାବ ହଟାଇ ଆତ୍ମବିଶ୍ୱାସ ଲକ୍ଷ୍ୟ ନେଇ ପ୍ରକାଶିତ ଏହି କୃଷି ଭି ିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ । ଏହି ମହତ୍ ଅନୁଚିନ୍ତନ ଓ ଆଦର୍ଶକୁ ରାଜ୍ୟର କୋଣଅନୁକୋଣରେ ପ୍ରଚାରିତ କରିବାର ସାଧୁଉଦ୍ୟମ ପାଇଁ ଶ୍ରଦ୍ଧେୟ ସମ୍ପାଦକ ଡି. ଶୁଭମଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ । ଏହି ଜନମଙ୍ଗଳକାରୀ ପ୍ରୟାସ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ସହିତ କୃଷକ ମାନଙ୍କ ଆର୍ଥିକ ସ୍ଥିତିକୁ ନିଶ୍ଚିତ ସୁଦୃଢ଼ କରିବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ ।

**- ସୁଧାଂଶୁ ଶେଖର ମିଶ୍ର**
**ସେବାନିବୃତ ରାଜ୍ୟପୁରସ୍କୃତ ପ୍ରଧାନ ଶିକ୍ଷକ**
**ବାସୁଦେବପୁର, ଭଦ୍ରକ**

କୃଷି ଓ କୃଷକର ବିକାଶ ଦିଗରେ ଶ୍ୟାମଳ ସୁବର୍ଣ୍ଣ ନିରନ୍ତର ଭାବରେ କାର୍ଯ୍ୟ କରିଆସୁଛି । ଡ଼ିଜିଟାଲ ମାଧ୍ୟମରେ ଇମାଗାଜିନ ମଧ୍ୟ ଲୋକଙ୍କ ପାଖରେ ବେଶ ଆଦୃତ ହୋଇଛି । ଆଶା କରିବି ଏହା ସବୁବେଳେ ଚାଷୀର ଉନ୍ନତି ଦିଗରେ କାର୍ଯ୍ୟ କରୁଥାଉ ।

**- କମଳିନୀ ନାୟକ , ବାଲେଶ୍ୱର**

କୃଷି ବିଜ୍ଞାନୀ ମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା କୃଷକ ମାନଙ୍କୁ ନିଶ୍ଚିତ ଭାବରେ ସହାଯ୍ୟ କାରିବ । ମୁଁ ନିଜେ ଏହା ଜଣେ ନିୟମିତ ପାଠକ । ପତ୍ରିକାର ସବୁ ସଂଖ୍ୟା ଗୁଡ଼ିକ ଖୁବ ଶିକ୍ଷଣୀୟ । ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ।

**- ରାଜା ନାୟକ ,**
**କଳାହାଣ୍ଡି**

କୃଷି ଓ କୃଷକର ବିକାଶ ଦିଗରେ ଶ୍ୟାମଳ ସୁବର୍ଣ୍ଣ ନିରନ୍ତର ଭାବରେ କାର୍ଯ୍ୟ କରିଆସୁଛି । ଡ଼ିଜିଟାଲ ମାଧ୍ୟମରେ ଇ ମାଗାଜିନ ମଧ୍ୟ ଲୋକଙ୍କ ପାଖରେ ବେଶ ଆଦୃତ ହୋଇଛି । ଆଶା କରିବି ଏହା ସବୁବେଳେ ଚାଷୀର ଉନ୍ନତି ଦିଗରେ କାର୍ଯ୍ୟ କରୁଥାଉ ।

**- ପ୍ରବୀର ମହାନ୍ତି , କସର୍ଦ୍ଦା , କଟକ**

# ଆପଣଙ୍କ ସମସ୍ୟା , ଆମ ସମାଧାନ

*କୃଷି ଓ କୃଷକର ସମସ୍ୟାର ସମାଧାନ ପାଇଁ ଶ୍ୟାମଳ ସୁବର୍ଣ୍ଣର ସୃଷ୍ଟି । ପ୍ରତିସଂଖ୍ୟାରେ ଓଡ଼ିଶାର ବିଭିନ୍ନ ଗାଁ ମାନଙ୍କରୁ ଚାଷୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆମକୁ ଜଣାଇଥାନ୍ତି । ଆମେ ଯଥାସମ୍ଭବ ଚେଷ୍ଟା କରିଛୁ ସେସବୁର ସଠିକ ସମାଧାନ ପାଇଁ । କାରଣ ଚାଷୀର ହିତେ , ଦେଶର ହିତ । ଶ୍ୟାମଳ ସୁବର୍ଣ୍ଣ ଚାଷୀ ମାନଙ୍କ ପାଇଁ ସମର୍ପିତ । ପତ୍ରିକା ପ୍ରକାଶନ ଠାରୁ ଆମେ ସଦାସର୍ବଦା ଚାଷୀମାନଙ୍କର ସମସ୍ୟା ଉପରେ ଜାଣିବାକୁ ଚେଷ୍ଟା କରିଛୁ । ତେଣୁ ଆମର ଏହି ବିଶେଷ ପୃଷ୍ଠାରେ ଏଥରର କେତେକ ସମସ୍ୟା ଓ ସମାଧାନ ସହ । ଆଶା କରଛୁ , ଏମିତି ନିରପେକ୍ଷ ଭାବରେ କୃଷକମାନଙ୍କର ସେବା କରିଚାଲୁଥିବ ଶ୍ୟାମଳ ସୁବର୍ଣ୍ଣ....*

*ପ୍ରଃ ଧାନ ପରେ ଏବେ ଜମିରେ ସୋରିଷ ବୁଣିଥିଲି । ଏବେ ଏଥିରେ ଧଳା ମାଛି ଲାଗିଛି । କଣ କଲେ ଏହାର ସୁଫଳ ମିଳିପାରିବ ? (ସେବକ ଶ୍ରୀକାନ୍ତ , କନ୍ଦରପୁର)*

**ଉଃ** ଧଳା ମାଛି ପ୍ରଥମେ ସବୁଜ ପତ୍ରରୁ ରସ ଶୋଷିବା ଫଳରେ ପତ୍ର ଶୁଖିଯାଏ ଓ ଗଛ ଦୁର୍ବଳ ହୋଇଯାଏ । ଏହି ପୋକ ସାହେବୀ ରୋଗର ବାହକ । ଏହାର ନିୟନ୍ତ୍ରଣ ପାଇଁ ଡାଇମିଥୋଏଟ୍ ୩୦% ଇ.ସି. ୨ ମି.ଲି. ପ୍ରତି ଲିଟର ପାଣିରେ କିମ୍ବା ମିଥାଇଲ୍ ଡିମେଟନ୍ ୨୫% ଇ.ସି. ୨ ମି.ଲି. ପ୍ରତି ଲିଟର ପାଣିରେ କିମ୍ବା ଇମିଡାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୩ ମି.ଲି. ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

*ପ୍ରଃ ଟମାଟୋ ତଳିରେ ଏବେ ଅଧିକ ମୂଳସଢ଼ା ବ୍ୟାପୁଛି । ଏହାର ସାମଧାନ କିପରି କରାଯାଇପାରିବ ? (ତ୍ରିଲୋଚନ ରାଉତ , ସୋରୋ)*

ଉ: ଏହି ରୋଗ ହେବା ଦ୍ୱାରା ଗଛର ମୂଳ ସବୁ ସଢ଼ିଯାଏ । ଗଛର ମୂଳରେ ପାଣି ଜମିବା ଦ୍ୱାରା ମୂଳ ଗୁଡ଼ିକରେ ବିଭିନ୍ନ ପ୍ରକାର ଚିହ୍ନ ଦେଖାଯାଏ । ଫଳରେ ଚେର ଉପଯୁକ୍ତ ଭାବେ ପାଣି ଏବଂ ପୋଷଣକୁ ଶୋଷି ପାରେ ନାହିଁ ।

ସମାଧାନ- ଏହି ରୋଗର ପ୍ରତିକାର ପାଇଁ କାର୍ବେଣ୍ଡାଜିମ୍ ବା ମାଙ୍କୋଜେବ ୨ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଜମିରେ ସ୍ପ୍ରେ କରନ୍ତୁ ।

**ପ୍ର: ଧାନ ପରେ ବିରି ବୁଣିବାର ପ୍ରକୃଷ୍ଟ ସମୟ ଓ ପ୍ରଣାଳୀ କ'ଣ ? (ସୁବାସ ଦାସ, ନିଶ୍ଚିନ୍ତ କୋଇଲି ,କଟକ)**

ଉ: ସାଧାରଣତଃ ବିରି ଅମଳ ପାଇଁ ୯୦ ଦିନ ସମୟ ନେଇଥାଏ ।
ଚାଷୀଭାଇମାନେ କେତେକ କ୍ଷେତ୍ରରେ ତଳି ରୋଇବାର କିମ୍ବା ବୁଣା ଜମିରେ ଘାସ ବାଛିବାର ଦୁଇ ରୁ ତିନି ସପ୍ତାହ ପରେ ହିଡ ବିରି ବୁଣାଯାଏ । ଯେମିତି ଧାନ ଅମଳ ପୂର୍ବରୁ ଏହା ଅମଳ ହୋଇପାରିବ । ସାଧାରଣତଃ ଓଡ଼ିଆ ମାର୍ଗଶିର ମାସରେ ଅମଳ ହୋଇ , ଅଷ୍ଟମୀରେ ପିଠା ପ୍ରସ୍ତୁତି ହୁଏ । ବିରି ବୁଣିବା ର ୩ ରୁ ୪ ଦିନ ପୂର୍ବରୁ ଗୋବର ଏବଂ ଜଳର ଏକ ମିଶ୍ରଣ ପ୍ରସ୍ତୁତ କରି ହିଡରେ ସିଂଚନ କରାଯାଏ । ଯାହାଦ୍ୱାରା ମାଟିର ଉର୍ବରତା ରେ ବୃଦ୍ଧିଘଟେ । ଏକ ଧାରୁଆ ଲୁହା ସାହାଯ୍ୟରେ ହିଡ ଉପରେ ଧାଡ଼ି ପ୍ରଣାଳୀ ଅବଲମ୍ବନ କରି ୨ ରୁ ୩ ସେମି ଗଭିରେ ମଂଜି ବୁଣାଯାଏ । ମଝିରେ ମଝିରେ ଅନାବନା ଘାସକୁ ଉପାଡି ଗଛର ଯତ୍ନ ନିଆଯାଏ ।

**ପ୍ର: ମୁଗ ପତ୍ର ଉପରେ ଧୂଆଁ ପରି ଚିହ୍ନ ଦେଖାଯାଉଛି ? ଏହାର ପ୍ରକୃତ କାରଣ ଓ ସମାଧାନ କଣ ? ( ନାରାୟଣ ସାହୁ , ଜନାର୍ଦ୍ଦନପୁର , କଟକ)**

ଉ:ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ। ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ । ସହନଶୀଳ ବିହନ ବ୍ୟବହାର କରନ୍ତୁ ।ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସି ନ କରନ୍ତୁ । ଏହା ଫଳରେ ମୁଗ ପତ୍ରରେ ଏ ରୋଗର ପ୍ରାଦୁର୍ଭାବ କମିବା ସହ ମୁଗ ବି ଅଧିକ ଅମଳ ହେବ ।



ନୂତନ କୃଷି ବିଲର ଲକ୍ଷ୍ୟ କୃଷକ ମାନେ କିପରି ମଧ୍ୟସ୍ଥି ଯେପରି ଏପିମସି ମଣ୍ଡିକୁ ଅତିକ୍ରମ କରି ସିଧାସଳଖ ନିଜ ଉତ୍ପାଦଗ୍ରାହକଙ୍କୁ ବିକ୍ରୟ କରିପାରିବେଏବଂ ଘରୋଇ କମ୍ପାନୀ ଗୁଡ଼ିକ ସହ ସିଧାସଳଖ କାରବାର କରିପାରିବେ । ଯଦିଓ ଏହା ଏକ ପ୍ରକାର ସଂସ୍କାର ପରି ମନେ ହୁଏ, କିନ୍ତୁ ଭାରତରେ ଅଶୀ ଭାଗ କୃଷକ କ୍ଷୁଦ୍ର ଚାଷୀ ଅଟନ୍ତି । କର୍ପୋରେଟ ସହ ବୁଝାମଣା କରିବା ପାଇଁ ସେମାନଙ୍କରୁ ଆବଶ୍ୟକ ଜ୍ଞାନ ଏବଂ ବୁଝାମଣା ଶକ୍ତି ନାହିଁ । ତେଣୁ ସରକାରଙ୍କୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେପରି କ୍ଷୁଦ୍ର କୃଷକ ମାନଙ୍କୁ ଏହି ବିଲ ପାଇଁ କ୍ଷତି ଓ ଶୋଷଣର ଶିକାର ହେବାକୁ ନପଡ଼େ ।

•ପ୍ରଜ୍ଞାନନ୍ଦନ ଗିରି ,ବାରିପଦା



ଫସଲ ଅମଳ ପରେ ମଣ୍ଡିରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଚାଷୀ ମାନଙ୍କ ସପକ୍ଷରେ ଲାଗୁ ହୋଇଥିବା ନୂଆ କୃଷି ବିଲ୍ ଆମ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଗୋଟିଏ ଦେଶ , ଗୋଟିଏ ବଜାର ଫର୍ମୁଲା ଯୋଗୁଁ ଚାଷୀ ମାନେ ଏବେ ସ୍ୱାଧୀନ ଭାବେ ମଣ୍ଡିକୁ ନଯାଇ ନିଜ ଅମଳକୁ ସାରା ଦେଶରେ ଉଚିତ୍ ଦରରେ ବିକ୍ରୟ କରିପାରିବେ । ଏହି ବିଲ୍ କୃଷି ସାମଗ୍ରୀ ଦର ଏବଂ ପରିବହନ ଖର୍ଚ୍ଚକୁ ମଧ୍ୟ କମ କରିବ । ଏହା ଫଳରେ ଚାଷୀ ମାନେ ଲାଭବାନ ହୋଇପାରିବେ । ତେଣୁ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ,ଲାଭବାନ ବନାଇ ସେମାନଙ୍କର ବିକାଶକୁ ଆଖିଦୃଷ୍ଟିରେ ରଖି ଲାଗୁ ହୋଇଥିବା ଏ କୃଷି ବିଲ୍ ବହୁତ ଉପଯୋଗୀ ।

• ରୁଦ୍ରପ୍ରତାପ ସୁବୁଦ୍ଧି , ରାୟଗଡ଼ା

# ମତାମତ ସ୍ତମ୍ଭ

## କୃଷି ବିଲ୍ ଚାଷୀଙ୍କ ପାଇଁ କେତେ ଉପଯୋଗୀ ?

କୃଷି ଓ କୃଷକର ବିକାଶ ସବୁବେଳେ ସରକାରଙ୍କ ଫୋକସ୍‌ରେ ରହିଥାଏ । କୃଷି ସାମାଜିକ ଜନଜୀବନର ପ୍ରମୁଖ ସାରଥୀ ଭାବେ ବିବେଚନା କରାଯାଏ । ଚାଷ ନଥିଲେ ସମାଜରେ ଦଣ୍ଡେ ଜୀଇଁବା ସ୍ୱପ୍ନ ପାଲଟିଯିବ । ଖାଦ୍ୟ ବିନା ମଣିଷ ବଂଚିବାର ରାହା ବି ପାଇପାରେନାହିଁ । ସେଥିପାଇଁ କୃଷିକୁ ଏକ କର୍ମସିକ୍ତ କାର୍ଯ୍ୟ ଭାବେ ଅଭିହିତ କରାଯାଏ । ବିଗତ କିଛି ମାସ ହେବ କରୋନାର ମହାମାରୀରେ ଦେଶ ଏକପ୍ରକାର ତାଲାବନ୍ଦ ଅବସ୍ଥା ଦେଇ ଗତି କରୁଥିଲା । ଯେଉଁସମୟରେ ଆମେ ସମସ୍ତେ ଏ ମହାମାରୀକୁ ଡ଼ରି ଘରେ ବସିଥିଲେ , ଚାଷୀ କିନ୍ତୁ ନିଜ କର୍ମ ପଥରୁ ବିଚ୍ୟୁତ ହୋଇନଥିଲା । ସେ ଚାଷ କରିଛି । ଆଉ ସେଥିପାଇଁ କୃଷି କ୍ଷେତ୍ରରେ କିଛିଟା ଅଭିବୃଦ୍ଧି ଘଟିଛି । ତେବେ ଏଇ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା କୃଷି ବିଲ୍ । କୃଷି ଓ କୃଷକଙ୍କ ବିକାଶକୁ ଆଭିମୁଖ୍ୟ କରି ଆନୀତ ଏହି ବିଲ୍ କେତେଦୂର ଚାଷୀଙ୍କ ପାଖରେ ପହଁଚିପାରୁଛି, ଚାଷୀ କେତେଦୂର ଏହାର ଲାଭାର୍ଥୀ ହୋଇପାରୁଛି , ସେକଥା ଖୋଦ୍ ଚାଷୀ ହିଁ ମତବ୍ୟକ୍ତ କରିପାରିବ । ଏହି ପରିପ୍ରେକ୍ଷୀରେ ଆମେ ଜନମତ ନେବାକୁ ଚେଷ୍ଟା କରିଥିଲୁ । ତେବେ ଏଥର ସଂଖ୍ୟାର ମତାମତ ସ୍ତମ୍ଭରେ କୃଷିବିଲ୍‌କୁ ନେଇ ଆମର ଏ ସ୍ୱତନ୍ତ୍ର ଉପସ୍ଥାପନା ।



ସରକାରୀ ସ୍ତରରେ ପ୍ରସ୍ତାବିତ ଏ କୃଷି ବିଲ ସ୍ୱାଗତଯୋଗ୍ୟ ଅଟେ । କିନ୍ତୁ ଚାଷୀଙ୍କ ପାଖରେ ସରକାର କେତେ ଦୂର ଏହାର ପ୍ରକୃତ ଅର୍ଥକୁ ବୁଝାଇବାକୁ ସମର୍ଥ ସେଇଟା ମୁଖ୍ୟ ବିଷୟ । ଏହା କେବଳ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ନହେଉ । ବରଂ ଚାଷୀଙ୍କ ହିତରେ କାର୍ଯ୍ୟ କରୁ ।

- ଅଜୟ ଦାସ , କୃଷି ଛାତ୍ର , ଉ ରବଙ୍ଗ କୃଷି ବିଶ୍ୱବିଦ୍ୟାଳୟ , ପଶ୍ଚିମବଙ୍ଗ



କୃଷି ବିଲ୍ ସବୁବର୍ଷ ପରି ଏ ବର୍ଷ ମଧ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବିରୋଧୀ ଦଳ ବିରୋଧାଭାଷ ପ୍ରତିକ୍ରିୟା ଆଣିଛନ୍ତି । ଆମ ରାଜ୍ୟରେ କୃଷି ପାଇଁ ପରିବେଶ ଅନୁକୂଳ ହୋଇପାରୁନି । ତେଣୁ ବ ମାନ କୃଷକ ମାନଙ୍କୁ ଏକାଠି ହେବାର ସମୟ ଆସିଛି । କୃଷି ବିଲ୍ ଗଠନ ସହ ଖାଦ୍ୟ ଶସ୍ୟର ଉପଯୁକ୍ତ ବିନିମୟ ହୋଇପାରିଲେ ଭଲ ହୁଅନ୍ତା । ସରକାର ମଧ୍ୟ କୃଷକ ମାନଙ୍କୁ ଆହୁରି ସଚେତନ କରାଇବାର ଆବଶ୍ୟକତା ରହିଛି ।

ଇଂ ସେବକ ଶ୍ରୀକାନ୍ତ, କଟକ

# ୨୦୨୦ ପୋଥିର କୃଷି



ଚାଷ ନଥିଲେ ଜୀବ ନଥାନ୍ତା । ଚାଷୀ ପାଇଁ ଦି ଓଳି ଖାଇବାର ସ୍ୱପ୍ନ ଦେଖେ ମଣିଷ । କୃଷି ଓ କୃଷକର ବିକାଶ କ୍ଷେତ୍ରରେ ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ । ପୁରୁଣା ବର୍ଷ ଏବେ ଆମ ଠାରୁ ବିଦାୟ ନେବାକୁ ଯାଉଛି । ଏ ବର୍ଷରେ କୃଷି କ୍ଷେତ୍ରରେ ଆମ ଦେଶ ଓ ରାଜ୍ୟ ଅନେକ ସଫଳତା ବି ପାଇଛି । ଚାଷୀ ମାନଙ୍କ ପାଇଁ ନୂଆ ଯୋଜନା ବି ଆସିଥିଲା ଆଉ ଏଥିରୁ ବେଶ ଉପକୃତ ବି ହୋଇଥିଲେ । ତେବେ ଏସବୁ ସାଥ କରି ଚାଷୀ ଆକୁ ବଢ଼ିଛି । କରୋନାର ଲକଡ଼ାଉନ , ସଟଡ଼ାଉନ ଚଷୀକୁଳ ଉପରେ ପ୍ରଭାବ ପକାଇଥିଲେ ହେଁ ଚାଷୀ ବସିଯାଇନଥିଲା । ପୁଣି ଥରେ ନିଜ କ ର୍ବ୍ୟ ପଥରେ ଆଗେଇଥିଲା ତେବେ କୋଡ଼ିଏ ପୋଥିର କିଛିଟା ସ୍ୱତନ୍ତ୍ର କୃଷି ଉପରେ ଆମର ସ୍ୱତନ୍ତ୍ର ପ୍ରତିବେଦନ ...

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ

## ଆତ୍ମନିର୍ଭର ପ୍ୟାକେଜ

ପ୍ରଧାନମନ୍ତ୍ରୀ ଦେଶ ବାସୀଙ୍କୁ ସମ୍ବୋଧନ କରୁଥିବା ବେଳେ କହିଥିଲେ ଭୋକାଲ୍ ଫର ଲୋକାଲ୍ । ଅର୍ଥାତ ସ୍ୱଦେଶୀ ଜ୍ଞାନ କୌଶଳର ବ୍ୟବହାର ସମୟ ଏବେ ଆସିଯାଇଛି । ଆମ ପାରମ୍ପରିକ ତଥା ସ୍ୱଦେଶୀ ଜ୍ଞାନ ବଳରେ ଆମେ ବଳୀୟାନ ହୋଇପାରିବା । ଲଘୁ ଉଦ୍ୟୋଗ ପାଇଁ ଏହି ପ୍ୟାକେଜରେ ମୋଟ ୧୦ହଜାର କୋଟି ଟଙ୍କା ଘୋଷଣା କରାଯାଇଛି । ମାଛଚାଷୀଙ୍କ ପାଇଁ ୨୦ହଜାରକୋଟି ଓ ମେରାଇନ ଫିସେରୀ ଓ ଆକ୍ୱାକଲଚର ପାଇଁ ୧୧ହଜାର କୋଟି ଟଙ୍କା ଥିବା ବେଳେ ମୂଳଦୁଆ ବା ଭି ି ଭୂମି ପାଇଁ ୯୦୦୦କୋଟି ଟଙ୍କା ଏହି ପ୍ୟାକେଜରେ ଆଗତ କରାଯାଇଛି । ଔଷଧୀୟ ବୃକ୍ଷ ଚାଷ ପାଇଁ ୪୦୦୦ କୋଟି. ମହୁଚାଷ ପାଇଁ ୫୦୦ କୋଟି ଟଙ୍କା ଘୋଷଣା କରାଯାଇଥିଲା । ଲକଡ଼ାଉନ ସମୟରେ ପରିବହନର ବ୍ୟବସ୍ଥା ଏକରକମର ଠପ୍ ହୋଇଯାଇଥିବା ବେଳେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଅପରେସନ ଗ୍ରୀନ ନିଶ୍ଚୟ ଭାବରେ ଏକ ପ୍ରଶଂସନୀୟ ପଦକ୍ଷପ ।



## ଅମ୍ଫାନର କମ୍ପନ



ପ୍ରତିବର୍ଷ ଓଡ଼ିଶା ବନ୍ୟା କିମ୍ବା ବାତ୍ୟାର ସମ୍ମୁଖୀନ ହୁଏ । ଏ ଚିରାଚରିତ ସତ୍ୟକୁ ସାମ୍ନା କରିବା ଚାଷୀ ପାଇଁ ଏକ ନିତିଦିନିଆ କଥା । ଚଳିତ ବର୍ଷ ମଧ ଅମ୍ଫାନର କମ୍ପନ ଯୋଗୁଁ ଚାଷୀକୁଳ ବେଶ ପ୍ରଭାବିତ ହୋଇଥିଲା । ଓଡ଼ିଶାର ଜଗିସିଂହପୁର , ବାଲେଶ୍ୱର , ମୟୂରଭଂଜ ଜିଲ୍ଲାର ଚାଷୀ ମାନେ ଅନେକ କ୍ଷୟକ୍ଷତି ସହିଥିଷଳ । ମୁଖ୍ୟତଃ ଧାନ , ପନିପରିବା ଓ ନଡ଼ିଆ , ଭଣ୍ଡା ଓ ଉଦ୍ୟାନ କୃଷି ପ୍ରଭାବିତ ହୋଇଥିଲା । ଏଥିପାଇଁ ମୁଖ୍ୟମନ୍ତ୍ରୀ ୩୦୦କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ ।

## ଜାତୀୟ ବାଉଁଶ ମିଶନ

ଏହି ମିଶନ ଅଧିନରେ ଓଡ଼ିଶା ସମେତ ୯ଟି ରାଜ୍ୟରେ ୨୨ଟି ନୂତନ କ୍ଲଷ୍ଟରର ଶୁଭାରମ୍ଭ କରାଯାଇଛି । ବାଉଁଶରୁ ନିର୍ମିତ ସୌଖୀନ ସାମଗ୍ରୀ ଗୁଡ଼ିକର ରପ୍ତାନୀରେ ଭାରତ କିପରି ଭଲ ପ୍ରଦର୍ଶନ କରିବ ତାହାକୁ ଏ ପ୍ରକଳ୍ପରେ ଗୁରୁତ୍ୱ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ତୋମାର କହିଥିଲେ । ଏହା ଦ୍ୱାରା ବାଁଉଶ ଶିଳ୍ପର ଉନ୍ନତି ହୋଇପାରିବ ବୋଲି କହିଥିଲେ ।

## କଲିଙ୍ଗ-୩୮୬



ନୟାଗଡ଼ ଜିଲ୍ଲା ପାଣିପୋଇଲା ଠାରେ ରାଜ୍ୟାର ଏକାମତ୍ର ଆଖୁ ଗବେଷଣା କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ଏକ ନୂତନ ଆଖୁ କିସମ ଉଦ୍ଭାବନ କରାଯାଇଛି । ଏହାର ନାମ କଳିଙ୍ଗ -୩୮୬ । ଏହାର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟ ଆଖୁ କିସମ ତୁଳନାରେ ଅନେକ ଅଧିକ ଓ ଏଥିରେ ଶର୍କରାର ପରିମାଣ ୧୭.୨୫ ଅଟେ । ଏହି ବିହନ ଦ୍ୱାରା ଏକ ହେକ୍ଟର ଜମିରେ ପ୍ରାୟ ୧୨୦ଟନ ଆଖୁ ଚାଷ କରାଯାଇପାରିବ ।

## ଡ଼େଜେନ ପତ୍ରିକାରେ କୃଷିଭବନ

୨୦୧୮ ମସିହାରେ ଭୁବନେଶ୍ୱର ଠାରେ ପ୍ରାୟ ୭୦କୋଟି ପ୍ରକଳ୍ପରେ ନିର୍ମିତ କୃଷି ଭବନ ଲଣ୍ଡନର ଲୋକପ୍ରିୟ ପତ୍ରିକା ଡ଼େଜେନରେ ସ୍ଥାନ ପାଇଛି । କୃଷି ଭବନର ନିର୍ମାଣ ଶୈଳୀ ଓ ସ୍ୱତନ୍ତ୍ର କାରିଗରୀ ଯୋଗୁଁ ଏହା ଏବେ ଖୁବ ଚର୍ଚ୍ଚାରେ ।



## ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ – ଓଡ଼ିଶା



ଚଳିତ ବର୍ଷ ଓଡ଼ିଶାକୁ ସମ୍ମାନ ଜନକ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ମାନ୍ୟତା ମିଳିଛି । କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରଣାଳୟ ଓଡ଼ିଶାକୁ ଏ ସମ୍ମାନ ଦେଇଛନ୍ତି । ଏହା ସହ ଓଡ଼ିଶାର କଳାହାଣ୍ଡି ଜିଲ୍ଲାକୁ ଶ୍ରେଷ୍ଠ ଇନଲାଣ୍ଡ ଜିଲ୍ଲାର ମାନ୍ୟତା ମିଳିଛି । ଓଡ଼ିଶାର ମତ୍ସ୍ୟ ସମ୍ପଦର ବିକାଶ କ୍ଷେତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏ ବାବଦରେ କେନ୍ଦ୍ର ସରକାର ଓଡ଼ିଶାକୁ ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବେ ।

## ପଙ୍ଗପାଳ ଦଳ , ଚାଷୀର କାଳ

ଏବର୍ଷର ସବୁଠାରୁ ବେଶ ଚର୍ଚ୍ଚିତ ଖବର ଥିଲା ଚାଷ ଜମିରେ ପଙ୍ଗପାଳ ଆକ୍ରମଣ । ଭାରତର ରାଜସ୍ଥାନ , ଉ ରପ୍ରଦେଶ ପ୍ରଭୃତି ରାଜ୍ୟରେ ପଙ୍ଗପାଳ ମାନଙ୍କର ଦଳବଦ୍ଧ ଆକ୍ରମଣ ଦେଖିବାକୁ ମିଳିଥିଲା । ପଙ୍ଗପାଳ ଏକ କ୍ରାନ୍ତୀୟ, ଭ୍ରମଣଶୀଳ, ଝିଂଟିକା ଜାତୀୟ ଶସ୍ୟଭୋଜୀ କୀଟ ଅଟେ । ଉଡ଼ିବା ପାଇଁ ଏମାନେ ବହୁତ ଶକ୍ତିଶାଳୀ ହେଇଥାନ୍ତି । ଏମାନେ ଗୋଷ୍ଠିପ୍ରିୟ ଏବଂ ଏକତ୍ରିତ ହେଇ ସାମୁହିକ ଭ୍ରମଣ କରିଥାନ୍ତି । ଏମାନେ ଦଳ ଦଳ ହେଇ ଦେଶଦେଶାନ୍ତ ରୁ ଉଡି ଆସି ଉଦ୍ୟାନ, କୃଷିକ୍ଷେତ୍ର ଓ ଚ଼ାଷକ୍ଷେତ୍ର ରେ ପଶି ବ୍ୟାପକ କ୍ଷୟକ୍ଷତି କରିଥାନ୍ତି । ଏମାନଙ୍କୁ ପ୍ରତିହତ କରିବା ପାଇଁ ଓଡ଼ିଶା ତଥା ଭାରତର ବିଭିନ୍ନ ରାଜ୍ୟରେ କୃଷି ବିଭାଗ ତରଫରୁ ସ୍ୱତନ୍ତ୍ର ଗାଇଡ଼ଲାଇନ ଦିଆଯାଇଥିଲା ।



## ଲକଡ଼ାଉନରେ ଚାଷୀକୁଳ



ସାରା ବିଶ୍ୱରେ କରୋନା ମହାମାରୀ ଏକ ଭୟର ବାତାବରଣ ସୃଷ୍ଟି କରିଥିବା ସମୟରେ ସବୁଆଡ଼େ ଏହାକୁ ପ୍ରତିହତ କରିବା ପାଇଁ ଉଦ୍ୟମ ଚାଲିଛି । ସାରା ଭାରତରେ ଯେବେ ଲକଡ଼ାଉନ ଅବଧି ଆହୁରି ବଢ଼ାଯାଇଥିଲା ସମସ୍ତେ ସରକାରଙ୍କ ଗାଇଡ଼ଲାଇନକୁ ଅନୁସରଣ କରିବା ସହ ସୁରକ୍ଷା ଦିଗରେ ସଚେତନ ମଧ୍ୟ ଥିଲେ । କିନ୍ତୁ ଏହାରି ଭିତରେ ଚାଷୀ ଓ ଚାଷ ଜୀବନ ବି କିଛି ମାତ୍ରାରେ ପ୍ରଭାବିତ ହୋଇଛି , ଏହାକୁ ଅସ୍ୱୀକାର କରାଯାଇନପାରେ । ମୁଗ , ବିରି ଅମଳ ବି ବାଧାପ୍ରାପ୍ତ ହୋଇଥିଲା । ପାନ ବରଜ ବି ଅମଳ ହେବାର ସମୟ ଥିଲା । କିନ୍ତ ତାଲାବନ୍ଦ ଯୋଗୁଁ ସବୁକିଛି ପ୍ରଭାବିତ ହୋଇଥିଲା । ଡ଼ାଲିଜାତୀୟ ଫସଲ କ୍ଷେତରେ ପଡ଼ି ନଷ୍ଟ ହେବାକୁ ବସିଥିଲା । ତଥାପି କରୋନା ସମୟରେ ବି ସରକାରଙ୍କ ତରଫରୁ କିଛିଟା କୋହଳ କରାଯିବା ପରେ ଚାଷୀ ମାନେ ନିଜ କର୍ମପଥରେ ପୁଣି ବାହାରିଯାଇଥିଲେ । କରୋନାର ଡ଼ରକୁ ଖାତିର ନକରି ଚାଷଜମିରେ ସୁନା ଫଳେଇବା ନିଶାରେ ଚାଷୀମାନେ ମାତିଥିଲେ । କାରଣ ଚାଷୀ ଯଦି ବସିଯିବ , ଏ ଦୁନିଆ ଭୋକ ଉପାସରେ ଦିନ କାଟିବ ।

## କୃଷିବିଲ୍



ବିଗତ କିଛି ମାସ ହେବ କରୋନାର ମହାମାରୀରେ ଦେଶ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଗତି କରୁଥିଲା । ଯେଉଁସମୟରେ ଆମେ ସମସ୍ତେ ଏ ମହାମାରୀକୁ ଡ଼ରି ଘରେ ବସିଥିଲେ , ଚାଷୀ କିନ୍ତୁ ନିଜ କର୍ମ ପଥରୁ ବିଚ୍ୟୁତ ହୋଇନଥିଲା । ସେ ଚାଷ କରିଛି । ଆଉ ସେଥିପାଇଁ କୃଷି କ୍ଷେତ୍ରରେ ଜିଡ଼ିପି ଅଭିବୃଦ୍ଧି ଘଟିଛି । ତେବେ ଏଇ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା କୃଷି ବିଲ୍ । କେନ୍ଦ୍ର ସରକାରଙ୍କ ଦ୍ୱାରା ପାରି ଏହି ବିଲ – କୃଷି ଉତ୍ପାଦନ ଓ ବାଣିଜ୍ୟ ବିଲ୍ , କୃଷକ ମୂଲ୍ୟ , ରାଜିନାମା ଓ ସେବା ବିଲ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍ ୨୦୨୦ ଉପସ୍ଥାପନ କରାଯାଇଥିଲା ।

# ଏଥର ସଂଖ୍ୟାରେ....


| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା |
|---|---|---|
| ୧. | ସମ୍ପାଦକୀୟ.... | ଡି.ଶୁଭମ୍ |
| ୨. | ପୁଣି ବାପା ଅଜା ଅମଳକୁ ଫେରିବାକୁ ହେବ | ଅଚ୍ୟୁତ ଦାସ |
| ୩. | ଯୁବ କୃଷି ବିଜ୍ଞାନୀ ମାନଙ୍କର କୃଷି ପ୍ରତି ଅବଦାନ | ପ୍ରଭାତ କୁମାର ବୈଦ୍ୟ |
| ୪. | ଲକଡ଼ାଉନ ପ୍ରଭାବିତ ଗ୍ରାମ୍ୟ ଓ କୃଷି ଅର୍ଥବ୍ୟବସ୍ଥାର ପୁନରଦ୍ଧାର | ରୁଦ୍ର ପ୍ରତାପ ସୁବୁଦ୍ଧି |
| ୫. | ଅମଳ ପରବ ୀ ଧାନ ସଂରକ୍ଷଣ | ଶୁଭଙ୍କର ପୁରୋହିତ |
| ୬. | ଦେଶର କୃଷକ ହେଉଛନ୍ତି ଆମର ଅନ୍ନଦାତା | |
| ୭. | ପଙ୍ଗପାଳରୁ ଶିକ୍ଷା | ଶ୍ରବଣ କୁମାର କର |
| ୮. | ଫୁଲ ଗଛରେ ସୂକ୍ଷ୍ମ ପୋଷକର ଭୂମିକା | ସୁବ୍ରତ କୁମାର ସେନାପତି |
| ୯. | ସାକ୍ଷାତକାର | ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ |
| ୧୦. | ନଡ଼ିଆରେ ଗଣ୍ଡା ପୋକ ଦମନ | ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ |
| ୧୧. | ମାଟିର ମଣିଷ | ଅଙ୍କିତ କୁମାର ଧଳ |
| ୧୨. | ଟମାଟୋ ଚାଷ | ଦେବାଶିଷ ପଣ୍ଡା |
| ୧୪. | ହେ ଅନ୍ନଦାତା .. ଘେନ ପ୍ରଣାମ | ଡ଼ି ଶୁଭମ୍ |
| ୧୫. | ସାକ୍ଷାତକାର | |
| ୧୬. | ମହୁଚାଷ- ଏକ ଲାଭଦାୟକ ଉଦ୍ୟୋଗ | ସୌମ୍ୟା ସ୍ମିତପ୍ରଜ୍ଞା |
| ୧୭. | ଆଗ୍ରୋବୋଟ | ଶୁଭଶ୍ରୀ ସାହୁ |
| ୧୮. | ଚାଷୀ ଆନ୍ଦୋଳନର ଦିଗ- ଏକ ଅନୁଶୀଳନ | ସମନ୍ୱୟ ନନ୍ଦ |
| ୧୯. | ସର୍ବନିମ୍ନ ସହାୟକ ମୂଲ୍ୟ - ଏକ ବିଶ୍ଳେଷଣ | ରିଚା ମିଶ୍ର |
| ୨୦. | ମାଛ ପୋଖରୀ ପ୍ରସ୍ତୁତି ଓ ପରିଚାଳନା | ବିଜ୍ଞାନ ମିହିର ରାଉତ |
| 21. | Health Benefits of Fish | Dr Tanuja S |
| 22. | Zero Budget farming | Sameer Mohapatra |

# ସମ୍ପାଦକୀୟ



ଦିନ ପରେ ଦିନ, ମାସ ପରେ ମାସ ଆଉ ବର୍ଷ ପରେ ବର୍ଷ – ଏ ଚିରନ୍ତନ ସତ୍ୟକୁ ସାଥ କରି ପୁରୁଣା ବର୍ଷ ଆମ ଠାରୁ ବିଦାୟ ନେବାକୁ ଯାଉଛି । ପୁରୁଣା ବର୍ଷ କେତେବଳେ ସଫଳତାର ସ୍ୱାଦ ଚଖାଇଛି ତ ଆଉ କେବେ ସମାଲୋଚନାର ଶିକାର ବି କରିଛି । ତଥାପି ଏସବୁକୁ ସାଙ୍ଗରେ ନଇେ ଆମକୁ ଚାଲିବାକୁ ହେବ । ଏହା ହିଁ ତ ସଂସାରର ନିୟମ । ସାଲ ୨୦୨୦ ସତରେ ସମସ୍ତଙ୍କ ପାଇଁ ଏକ ସ୍ମୃତିର ବର୍ଷ ହୋଇ ରହିବ । ବର୍ଷ ଆରମ୍ଭରୁ ସକୁକିଛି ଠିକ୍‌ଠାକ୍ ଥିବା ବେଳେ ମାତ୍ର କେଇଟା ମାସ ପରେ ସବୁକିଛ ତାଲାବନ୍ଦ ହୋଇଯାଇଥିଲା । ଗାଁ ଠୁ ସହର ସବୁକିଛି ଶ୍ରୀହୀନ ଲାଗୁଥିଲା । କରୋନାର କାୟାରେ ଏକରକମର ସ୍ତବ୍ଧ ହୋଇଯାଇଥିଲା ବିଶ୍ୱ । ଏହାରି ଭିତରେ ବି ଚାଷୀକୁଳ ଥକି ନଥିଲା । ସେ ତାର କ ର୍ବ୍ୟ କରିଥଲା । ଯେଉଁଥିପାଇଁ ଆମେ ଦି ମୁଠା ଖାଇବାକୁ ସକ୍ଷମ ହୋଇଥିଲେ ।

ବର୍ଷ ୨୦୨୦ କରେନାର ବର୍ଷ କହୁଥିବା ବେଳେ କେହି କେହି ଏହାକୁ ମହାମାରୀର ବର୍ଷ ବୋଲି କହୁଥିଲେ । ତଥାପି ଏଇବର୍ଷ ଭିତରେ ଶ୍ୟାମଳ ସୁବର୍ଣ୍ଣ ତାର ନିରନ୍ତର ପ୍ରକାଶନ ଜାରି ରଖିଥିଲା । ଆମ ଦ୍ୱାରା ଆରମ୍ଭ ହୋଇଥିବା ଦିନିକିଆ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର କରୋନ ଯୋଗୁଁ ବନ୍ଦ ହୋଇଥିବା ବେଳେ ଏଇ ବର୍ଷ ଠାରୁ ଏହାକୁ କାଯ୍ୟକାରୀ କରାଯିବାକୁ ପ୍ରସ୍ତୁତ ହେଉଛୁ । ତେବେ ଏହି ବର୍ଷ ତିନୋଟି ସଂଖ୍ୟା ପ୍ରି    ହୋଇଥିଲେ ବି ଅନଲାଇନରେ ଇ ମାଗାଜିନ ମାଧ୍ୟମରେ ଆମେ ପାଠକଙ୍କ ପାଖରେ ପହଁଚି ପାରିଛୁ । ଏବର ଡ଼ିଜିଟାଲ ଯୁଗରେ କୃଷି ଖବରକୁ ଲୋକଙ୍କ ପାଖରେ ଶୀଘ୍ର ପହଁଚାଇବାକୁ ଆମେ ଅଗଷ୍ଟ ୧୫,୨୦୨୦ ରେ ୱେବ ପୋର୍ଟାଲ ଶୁଭାରମ୍ଭ କରିଥିଲୁ । ଖୁସିର ବିଷୟ ଏଇ ଛଅ ମାସ ଭିତରେ ଆମ ପାଠକକଙ୍କ ସଂଖ୍ୟା ୩୭୦୦୦ରୁ ଉର୍ଦ୍ଧ୍ୱ ପହଁଚିପାରିଛି । ତେବେ କୃଷିର ବିକାଶ ଓ କୃଷକର ବିକାଶକୁ ମୂଳ ଲକ୍ଷ୍ୟ ରଖି ଆମେ ସବୁବେଳେ କାର୍ଯ୍ୟରତ ।

ନବବର୍ଷ ୨୦୨୧ ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା । ଶ୍ୟାମଳ ସୁବର୍ଣ୍ଣର ଶୁଭେଚ୍ଛୁ , ବିଜ୍ଞାପନଦାତା, ପାଠକପାଠିକା,ଲେଖକଲେଖିକା ତଥା ଚାଷୀକୁଳଙ୍କ ପାଖରେ ଆମେ ସୁବବେଳେ ଋଣୀ । ଏଇ ନବବର୍ଷ ସମସ୍ତଙ୍କ ଜୀବନରେ ସୁଖ,ଶାନ୍ତି ,ସମୃଦ୍ଧି ଆଣିଦେଉ । ନୂଆ ଅଭିଯାନ ନେଇ ନବସଂକଳ୍ପରେ ସମସ୍ତେ ବ୍ରତୀ ହୁଅନ୍ତୁ । ପୁଣି ଥରେ ଏ ବିଶ୍ୱ ମଧୁମୟ ହୋଇଉଠୁ । ପୁଣି ଏ ସମାଜ ସବୁକିଛି ସବୁଜିମାର ରଙ୍ଗରେ ଭରିଯାଉ । ଶ୍ୟାମଳ ସୁବର୍ଣ୍ଣ ତା'ର ଦ୍ୱାଦଶ / ମକର ବିଶେଷାଙ୍କ ପ୍ରକାଶ କରିବାକୁ ଯାଉଛି । ମହାପଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି , ପୂର୍ବପରି ଏ ସଂଖ୍ୟ ପୁଣି ଚାଷୀ ଭାଇମାନଙ୍କ ସ୍ନେହ , ଶ୍ରଦ୍ଧା ଓ ବିଶ୍ୱାସକୁ ବଜାୟ ରଖୁ ।

ଡି. ଶୁଭମ୍

**ମୁଖ୍ୟ ସମ୍ପାଦକ**

**'ଶ୍ୟାମଳ ସୁବର୍ଣ୍ଣ'**

# ପୁଣି ବାପା ଅଜା ଅମଳକୁ ଫେରିବାକୁ ହେବ



ଅଚ୍ୟୁତ ଦାସ

କେଜାଣି କାହିଁକି ଗାଆଁମାନଙ୍କୁ ଅତି ନିକଟରୁ ଦେଖିଲା ପରେ ଓ ସେଠାରେ ବସବାସ କରୁଥିବା ମଣିଷମାନଙ୍କର ଖାଦ୍ୟ, ପୋଷାହାର, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିବେଶ ଆଦିର ସାମ୍ପ୍ରତିକ ସ୍ଥିତି ବିଶ୍ଳେଷଣ କରିଲା ପରେ ମୋର ଗୋଟିଏ ପ୍ରଶ୍ନଗ୍ରାମବାସୀ,ସରକାର ଓ ରାଜନୈତିକନେତାମାନଙ୍କୁ ପଚାରିବାକୁ ତୀବ୍ର ଇଚ୍ଛା ଜାଗରିତ ହୁଏ ।ଏହାଛଡ଼ା କୃଷିବିଜ୍ଞାନୀମାନଙ୍କୁ ମଧ୍ୟ ସେମାନଙ୍କରବିଜ୍ଞାନ ଓ ବୈଷୟିକଜ୍ଞାନର ଉପାଦେୟତା ଉପରେ ଅତ୍ୟଧିକ ନିର୍ଭରଶୀଳତା ପାଇଁ କାଠଗଡ଼ାରେ ଠିଆକରି ଜେରାକରିବାକୁ ଇଚ୍ଛାହୁଏ । ଏହାର କାରଣହେଲା ଯେ ତଥାକଥିତ ଆଧୁନିକ ଓ ବିଜ୍ଞାନ ସମ୍ମତ କୃଷି ଆଦି ଏ ପୃଥିବୀରୁ ଅଧିକରୁ ଅଧିକ ସମସ୍ୟା ସୃଷ୍ଟିକ ରିଛି । ଖାଦ୍ୟାଭାବସହକୁ ପୋଷଣ, ପରିବେଶର ବିନାଶ ସହ ସ୍ୱାସ୍ଥ୍ୟହାନୀ, ଗୁଣାତ୍ମକ ଜୀବନରମାନରେ ଅଧୋଗତି ଆଦି ଗ୍ରାମାଂଚଳର ସର୍ବବ୍ୟାପୀ ହୋଇସାରିଛି । କୃଷକ ତାହାର ଚାଷବାସ ଛାଡ଼ି ଅନ୍ୟତ୍ର ପଳାୟନ କରୁଛି ଅଥବା ଆତ୍ମହତ୍ୟା କରିବାକୁ ଦ୍ୱିଧା ପ୍ରକାଶକରୁନାହିଁ । ଏହା ଅନେକ ଆଦିବାସୀଗାଆଁ କଥା ନୁହେଁବା ଆମ ଦେଶର ଗାଆଁର କଥା ନୁହେଁ । ପୃଥିବୀସାରା ଏହାସବୁ ଦେଶ ମହାଦେଶରେ ସ୍ପଷ୍ଟ ଦେଖିହେଉଛି । କୃଷିବିଜ୍ଞାନୀ ଓ ତାହାରଗବେଷଣାକୁ ମାନ୍ୟତା ଦିଆଯାଇଛି 'ସବୁଜବିପ୍ଳବ' ପରିପ୍ରେକ୍ଷୀରେ 'ଖାଦ୍ୟ ଉତ୍ପାଦନ'କୁ ବ୍ୟାପକକରିବା ପାଇଁ ବିଜ୍ଞାନ ଓ ବୈଷୟିକ ଜ୍ଞାନର ସହାୟତା ନିତା' ଆବଶ୍ୟକ ବୋଲି ସ୍ଲୋଗାନ୍ ଦିଆଯାଇଛି । ଏହି ସନ୍ଦର୍ଭରେ ରାସାୟନିକସାର, କୀଟନାଶକ ଔଷଧ ଓ ବହୁ ଅମଳକ୍ଷମ ବିହନରବ୍ୟାପକ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଛି ।କୃଷିବିଜ୍ଞାନୀମାନେ କୃଷିଜାତ ଦ୍ରବ୍ୟମାନଙ୍କର ବଜାରବେପାରକୁ ନିୟନ୍ତ୍ରଣ କରୁଥିବା ଆନ୍ତର୍ଜାତିକ ଓ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର କବଳରେ ପଡ଼ିଯାଇଛନ୍ତି ଓ ସେମାନଙ୍କର ଲାଭଖୋର ମନୋବୃତିର ଶିକାର ହୋଇସାରିଛନ୍ତି । ଏକଦା ଏଇ ବହୁ ରାଷ୍ଟ୍ରୀୟ କମ୍ପାନୀ ମାନେ ରାସାୟନିକ ସାର ଓ କୀଟନାଶକ ଔଷଧ ତିଆରି କରନ୍ତି । ଏକ ଆଲୋଚନାଚକ୍ରରେ ମତବ୍ୟକ୍ତକରୁଥିଲେ ଯେ ସାରାବିଶ୍ୱର କୃଷକସବୁଦିନେ ସେମାନଙ୍କର ସାର ଓ କୀଟନାଶକଔଷଧ ବ୍ୟବହାରକରିବ, ସେଜୀବନ ସାରା ତାହାକୁ ବ୍ୟବହାର କରିବାକୁ ହେବ । ଏହା ନକରିଲେ ସେକେଣ୍ଡାଏ ଫସଲ ଉତ୍ପାଦନ କରିପାରିବ ନାହିଁ । କାରଣ ଯେଉଁ ଫସଲ କରିବ, ତାହାସାର ଓ କୀଟନାଶକ ଔଷଧ ବିନା ଉତ୍ପାଦନ କ୍ଷମ ହେବନାହିଁ । ସାର ଓ କୀଟନାଶକ ଔଷଧ ତଥା ବିହନ ଆଦିକୁ ଉତ୍ପାଦନ ଓ ବିକ୍ରୟ କରୁଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଅମାନବୀୟ ଷଡ଼ଯନ୍ତ୍ରକୁ ଅନୁଭବ କରି ବିଶ୍ୱସାରା ବହୁ କୃଷକ ଓ ପରିବେଶ ବି ସକ୍ରିୟ ହୋଇଛନ୍ତି ଓ କୃଷକବିହନ, ସାର ଓ କୀଟନାଶକ ଔଷଧ କ୍ଷେତ୍ରରେ କିପରି ସ୍ୱାବଲମ୍ବୀ ହୋଇପାରିବ, ସେଥିପାଇଁ ତୀବ୍ର ଉଦ୍ୟମକରି ଆସୁଛନ୍ତି । ବିଭିନ୍ନ ପ୍ରକାରର ମଡ଼େଲ କୃଷି ପଦ୍ଧତି ମଧ୍ୟ ସୃଷ୍ଟିକରାଯାଇଛି ।ବିହନ, ସାର ଓ କୀଟନାଶକ ପ୍ରସ୍ତୁତକରୁଥିବା କମ୍ପାନୀମାନଙ୍କ ବିରୋଧରେ ସଚେତନତାର ଅଭିଯାନ ପୃଥିବୀସାରା ଆରମ୍ଭ ହୋଇଛି ।

ଆମ ଦେଶରେ ତଥା ଆମରାଜ୍ୟ ଓଡ଼ିଶାରେ ଏବେ ପରମ୍ପରାଗତ କୃଷି ବିକାଶ ଯୋଜନା ବ୍ୟାପକ ଭାବେ ରୂପାୟିତ ହେଉଛି । ବିଳମ୍ବ ହେଉପଛେ, ଏ ଯୋଜନା ଯାହାକୁ ପି.କେ.ଭି.ଓ୍ୱାଇ ବୋଲି ନାମକରଣ କରାଯାଇଛି, ଏବେ ଅନେକ ଅଂଚଳରେ ଆଶା ସଂଚାର କରିଛି । ଏହାଦ୍ୱାରା ବାସ୍ତବକ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ହେବ ଓ ବାପା ଅଜା ଅମଳର, ଦେଶୀଚାଷରେ ଆଶା ଓ ବିଶ୍ୱାସ ଆଉଥରେ ଫେରିଆସିବ । ଦେଶୀଚାଷ କହିଲେ ଗାଆଁ ତ ପିଲାଛୁଆ, ବାପାମାଆ, ସମସ୍ତେ ସହଜରେ ବୁଝିପାରିବେ ।ଗତ ସପ୍ତାହରେ କୋରାପୁଟ ଜିଲ୍ଲାର ଦଶମ'ପୁର ବ୍ଲକ୍ର ଚଣାବାଡ଼ ପଂଚାୟତରେ ଲତାପୁଟ ବୋଲି ଆଦିବାସୀ ଗାଆଁରେ ଏଇ ଦେଶୀଚାଷ ବିଷୟରେ ଆଲୋଚନାକରିଲା ବେଳେ ସବୁ ଆଦିବାସୀବାପାମାଆଙ୍କ ମୁହଁରେ ହସ ଓ ଆଶାର ଝଲକ ଏ ଲେଖକକୁ ଦେଖିବାକୁ ମିଳିଥିଲା । ଦେଶୀଚାଷ, ଦେଶୀବିହନ, ଦେଶୀଚାଷର ପଦ୍ଧତି ବିଷୟରେ ଆବାଳବୃଦ୍ଧବନିତା ଆଲୋଚନା କରିବାକୁ ଆଗ୍ରହ ମଧ୍ୟ ଦେଖାଇଥିଲେ । ବୁଢ଼ାବୟସର ବାପାମାଆମାନେ ତାଙ୍କ ପିଲାଦିନେ ୟୁରିଆ, ଗ୍ରୋମର, ପଟାସ୍ ବିଷୟରେ କେହି ଜଣେ ହେଲେ ଦେଖିନଥିଲେ କି ବୁଝି ନଥିଲେ । ଆଜିର ଦିନରେ ଯେମିତି ବିହନ କିଣିବାକୁ ପଡୁଛି, ସାର ଓ କୀଟନାଶକ ଔଷଧଆଣିବାକୁ ଦୂରସହରକୁ ଯିବାକୁ ପଡୁଛି, ଆଗରୁ ସେମିତି ହେଉନଥିଲା ।ଗୋବରଖତ, ଛେଳିଖତ, ପାଉଁଶ ଆଦି ବିଲବାଡ଼ିରେ

ପକାଇବେଶ୍ ଭଲ ଫସଲ ଅମଳହୋଇପାରୁଥିଲା । ମାଣ୍ଡିଆ ହେଉ କି କାଙ୍ଗୁ ହେଉ, ଜହ୍ନା ହେଉ କି ସୁଆଁହେଉ, ପାଟିକୁ ବି ବଡ଼ ସୁଆଦିଆ ଲାଗୁଥିଲା । ଏବେ ଯେମିତି ସବୁକିଛି ବଦଳି ଯାଇଛି, କୃଷିବିକାଶ ଅଧିକାରୀମାନେ ଆସି ବହୁ ଅମଳକ୍ଷମବିହନ, ୟୁରିଆ ଆଦିର ପ୍ରୟୋଗଉପରେ ବିଶେଷଚ୍ଚାପ ଦେଉଛନ୍ତି ଓ ପ୍ରଲୋଭିତକରୁଛନ୍ତି । ସରକାରଙ୍କର ରିହାତି ଦର ବା ବିନାମୂଲ୍ୟରେ ଏ ସବୁବିହନ ସାର ବଂଟାଯାଉଛି । ଲୋକମାନେ କହୁଥିଲେ ଯେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ରାସାୟନିକ କୃଷିର ମାହାତ୍ମ୍ୟ ସେମାନଙ୍କୁ ବୁଝାଇବାକୁ ବିଭିନ୍ନ ଅଧିକାରୀ ଅଶେଷ ଚେଷ୍ଟା କରି ଆସୁଛନ୍ତି । ହେଲେ ଖୁସିର କଥା ଯେ ଲତାପୁଟ ଗାଆଁର ସବୁଚାଷୀ ଏ ସବୁ ମିଠାକଥାରେ ଏ ପର୍ଯ୍ୟନ୍ତ ପ୍ରଲୋଭିତ ହୋଇନାହାନ୍ତି । 'ଦେଶୀଚାଷ' ଏବେ ମଧ ତାଙ୍କରଗାଆଁରେ ବେଶ୍କରାଯାଉଛି । ଗାଆଁରେ ଜଳସେଚନର ବ୍ୟବସ୍ଥା ସୀମିତକାରଣ ସେଠାରେ ଛୋଟଛୋଟ ଡ୍ୟାମ କରାଯିବାର ସୁଯୋଗ ଅଛି କିନ୍ତୁ ଏ ପର୍ଯ୍ୟନ୍ତ କିଛିହୋଇନାହିଁ । ଗୋଟାଏ ସ୍ୱେଚ୍ଛାସେବୀ ସଂଗଠନ ପାଇପ ଲଗାଇକିଛି ଝରଣାରୁ ପାଣି ଆଣିବାକୁ ଚେଷ୍ଟାକରିଛି । କିନ୍ତୁ ଲମ୍ବା ପାଇପ୍ ର ଆବଶ୍ୟକତା ଥିବାରୁ ଏହିକାମ ସରିନାହିଁ । ଏକଥା ସତ ଯେ ଲତାପୁଟ ଗାଆଁଭଳି ଅନେକ ଗାଆଁ ଏବେ ମଧ 'ଦେଶୀଚାଷ''ରେ ବିଶ୍ୱାସ ରଖି ଆସିଛନ୍ତି ଓ ରାସାୟନିକସାର ଓ ଅଧିକ ଅମଳକ୍ଷମବିହନ ଆଦି ଦ୍ୱାରାବନ୍ଧା ପଡ଼ିନାହାନ୍ତି ।

ଲତାପୁଟ ଗାଆଁରେ ଅନେକ କିଛି ସମସ୍ୟା ଅଛି ବୋଲି ଲୋକେ କହୁଥିଲେ । ସେଥିରୁ ମୁଖ୍ୟ ସମସ୍ୟାହେଲା ଯେ ଚାରିଜଣ ଯୁବକ ପ୍ରାୟବର୍ଷେ ? ହେଲା ଦାଦନ ଖଟିବାକୁ ବାଙ୍ଗାଲୋର ଯାଇଛନ୍ତି ଯେ କିଛି ଖୋଜଖବର ନାହିଁ । ଏ ଗାଆଁରୁ ପାଂଚଜଣ ଯାଇଥିଲ କିନ୍ତୁ ଜଣେ କୌଶଳକ୍ରମେ ଓ ସାହସର ସହ ଖସି ଆସିଛି ଓ ସେମାନେ କିପରିଗୋଟି ରହୁଥିଲେ ସମସ୍ତଙ୍କୁ କହିଛି । ଏ ଲେଖକ ଗାଆଁର ବାପା ମାଆଙ୍କ ଠାରୁ ଦାଦନ ଖଟିବାକୁ ଯାଇଥିବା ଯୁବକମାନଙ୍କର କରୁଣ କାହାଣୀ ଶୁଣିଥିଲା ।ଜଣେ ବାପା କହୁଥିଲା ଯେ, ପୁଅ ତା'କୁ ଗତ କେତେମାସ ଧରିକିଛିଖବର ପଠାଇ ନାହିଁକି ଟଙ୍କା ପଠାଇ ନାହିଁ । ପଚାରିବାରୁ ବାପାକହିଲା ଯେ ପୁଅ ପ୍ରଥମେ ରାୟଗଡ଼ା ଗଲା, ସେଠାରୁ ଜଣେ ଦଲାଲ ବାଲୁଗାଁ ପଠାଇଲା । ବାଲୁଗାଁରୁ ସେ ବାଙ୍ଗାଲୋର ଷ୍ଟେସନ୍ ଯାଇଥିଲା । ଷ୍ଟେସନ୍ରୁ ଆଉଜଣେ ଦଲାଲ ତାଙ୍କର ଅଜଣା କର୍ମକ୍ଷେତ୍ରକୁ ନେଇଥିଲା । ସମ୍ପର୍କ ରଖିବାର କୌଣସି ବାଟ ନାହିଁ । ଭଲମନ୍ଦ ବୁଝିବାର ସୁଯୋଗ ନାହିଁ । ମୋବାଇଲ୍ଫୋନ୍ରେ ମଧ ଯୋଗଯୋଗ କରି ନାହିଁ କେତେ ମାସ ହେବ । ଜଣେ ମାଆ ଆସିକହିଲା ଯେ ତା'ର ପୁଅ ଓ ବୋହୂଙ୍କ ସହ ସେ ଯାଇଥିଲା । ବୋହୂର ଗୋଟିଏ ନାତିହେବାର ୭ ଦିନ ପରେ ପୁଅ ଦାଦନ ଖଟିବାକୁଗଲା ଯେ ପ୍ରାୟ ବର୍ଷ ? ହେଲା କିଛି ଖୋଜ୍ଖବର ନାହିଁ । ଜିଲ୍ଲା ପ୍ରଶାସନ ଏଥିରେ ନିଶ୍ଚିତ ହସ୍ତକ୍ଷେପ ଶୀଘ୍ର କରିବ ବୋଲି ଗ୍ରାମବାସୀଙ୍କୁ ଆମେ ଆଶ୍ୱାସନା ଦେଲୁ । ଖବରକାଗଜରୁ ବେଳେବେଳେ ଜାଣିବାକୁ ମିଳୁଛି ଯେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଆଦି ପ୍ରଦେଶରୁ ଗୋତି ଖଟୁଥିବା ଅନେକ ମଣିଷଙ୍କୁ ବେଳେବେଳେ ଉଦ୍ଧାର କରାଯାଉଛି ଓ ଥଇଥାନ କରିବାର ପ୍ରୟାସକରାଯାଉଛି । ଯେଉଁ ଅନୁପାତରେ ଦାଦନ ଓ ଗୋତିଖଟିବାକୁ ଯାଇଥିବା ଯୁବକମାନଙ୍କ ସଂଖ୍ୟା ବଢ଼ିବାରେଲାଗିଛି, ସେଇ ଅନୁପାତରେ ସେମାନେ ମୁକ୍ତିହୋଇ ପାରୁନାହାନ୍ତି ।

ପରମ୍ପରାଗତ କୃଷି ଜରିଆରେ ଏଇ ଦାଦନ ଓ ଗୋତି ଖଟୁଥିବା ଶ୍ରମିକମାନଙ୍କୁ ଥଇଥାନ କରି ସେମାନଙ୍କରଜୀବନ, ଜୀବିକା, ନିଶ୍ଚିତ କରିହେବ ବୋଲି ଏ ଲେଖକ ବିଶ୍ୱାସକରୁଛି । 'ଦେଶୀଚାଷ''କୁ ଜୈବିକ ଚାଷ, ପ୍ରାକୃତିକ ଚାଷ ବା ନିର'ର ଚାଷ ବୋଲି ଆମେ ଆଖ୍ୟାୟିତ କରି ଏହାକୁ ବ୍ୟାପକ କରିବା । ଏଥିପାଇଁ ପ୍ରୋତ୍ସାହନ ଦେଉଥିବା ସରକାର, ସହଯୋଗ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଓ ଦେଶୀଚାଷରେ ବିଶ୍ୱାସ ରଖିଥିବା ସାଥୀମାନଙ୍କୁ ଏକ ଦୃଢ଼ଶପଥ ନେଇ ଏକ ମଂଚକୁ ଆସିବାକୁହେବ । ଯେଉଁ ଫସଲ ପ୍ରଥମେଚାଷୀର ପେଟ ଭରିବ ଓ ତା'ପରେ ବଳକା ଫସଲକୁ ବିକି ଦୁଇ ପଇସା ପାଇବ ତାହା ବିଚାରକୁ ଦେବା କଥା । ଲତାପୁଟଗାଆଁରେ ଏଇ ପ୍ରଶ୍ନ ପଚାରିବାକୁ ମୁଁ ପଛାଇନଥିଲି । 'ଦେଶୀଚାଷ'' ରେ କେଉଁ ଫସଲ ଭଲ ହେବ ବୋଲି ଜାଣିବାକୁ ଆଗ୍ରହ ଦେଖାଇବାରୁ ଲୋକେ ମାଣ୍ଡିଆ, କୋଶଳା, କାଙ୍ଗୁ, ସୁଆଁ, କାନ୍ଦୁଲ, କଟିଙ୍ଗ୍ , ବିରି, କୋଳଥ ଆଦି ଖାଦ୍ୟଶସ୍ୟର ଉଦାହରଣ ଦେଲେ । ପନିପରିବା ମଧ ଉତ୍ପାଦନ କରି ଦି' ପଇସା ପାଇବେବୋଲିକହିଲେ । ସରକାରଙ୍କୁ ନିଶ୍ଚିତ ରୂପେ ପଦକ୍ଷେପ ନେବାକୁହେବ । ଲତାପୁଟଭଳିଗାଆଁରଖାଦ୍ୟଶସ୍ୟ ଯେପରି ଉପଯୁକ୍ତ ମୂଲ୍ୟରେ ବିକ୍ରୟ କରାଯାଏ ଓ ଠକାମୀରେ ନପଡ଼େ । 'ଦେଶୀଚାଷ'କୁ ବ୍ୟାପକ କରିବାକୁ ଏକ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନେବାର ଅଛି ଯାହା ଦ୍ୱାରା ଗତ କେତେବର୍ଷର ରାସାୟନିକ ଚାଷର କୁପ୍ରଭାବକୁ ଚାଷୀମୁକ୍ତ ହୋଇପାରିବ ।



କାଶୀପୁର - ୭୬୫୦୧୫
ଫୋନ: ୯୪୩୭୦୭୩୫୮୮

# ଯୁବ କୃଷି ବିଜ୍ଞାନୀ ମାନଙ୍କର୍ କୃଷି ପ୍ରତି ଅବଦାନ

ସାଧାରଣତଃ ଭାରତ ଏକ କୃଷି ପ୍ରଧାନ ଦେଶ । ଆମ ଦେଶରେ ଅର୍ଥନୀତି ବହୁମାତ୍ରାରେ କୃଷି ଉପରେ ନିର୍ଭର କରେ । ଆମ ଦେଶରୁ ଅମଳ ହେଉଥିବା କୃଷି ଜାତ ଦ୍ରବ୍ୟ ଦେଶ ବାହାରକୁ ମଧ୍ୟ ରପ୍ତାନି କରାଯାଉଅଛି, ତେଣୁ ଦିନକୁ ଦିନ ଚ଼ାହିଦା ବଢ଼ିବ ସହିତ ଅମଳ ମଧ୍ୟ ତାଳ ଦେଇ ଯାଉଅଛି । ସାମ୍ପ୍ରଦିକ ପରିସ୍ଥିତି ରେ ଏହି ବର୍ଦ୍ଧିତ ଚ଼ାହିଦାକୁ ଦୃଷ୍ଟିରେ ରଖି ଆମଦେଶର କୃଶକଗଣ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରୁଛନ୍ତି । ପୂର୍ବରୁ ଲୋକେ ହଳ ଲଙ୍ଗଳ ଧରି ଚ଼ାଷ କରୁଥିବାର ଦେଖିବାକୁ ମିଳୁଥିଲା କିନ୍ତୁ ଏବେ ସ୍ଥିତି ଭିନ୍ନ । ବିନା ଟ୍ରାକ୍ଟର ଏବଂ ଅମଳ ଯନ୍ତ୍ରପାତିରେ କୃଷି କାର୍ଯ୍ୟ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ବଢୁଥିବା ଚ଼ାହିଦା ଏବଂ ରପ୍ତାନୀର ଅଭିବୃଦ୍ଧି ଏକରକମ ଯୁବପିଢିଙ୍କୁ ଏହି କୃଷି କାର୍ଯ୍ୟ ଭାରି ଆକୃଷ୍ଟ କରିଛି ଯାହା ନିଶ୍ଚିତ ଭାବରେ ଦେଶ ଏବଂ ବିଶ୍ୱ ପାଇଁ ହିତକର ।

## ଯୁବପିଢୀ ଓ କୃଷି

ଆମ ଦେଶରେ ଉତ୍ପାଦିତ ହେଉଥିବା କୃଷି ଜାତୀୟ ଦ୍ରବ୍ୟ ମଧ୍ୟରୁ ଧାନ,ଗହମ,ଡାଲି ଇତ୍ୟାଦି ଅନ୍ୟତମ । ଏବେ କିନ୍ତୁ ସବୁପ୍ରକାରର ଚ଼ାଷ କରାଯାଉଅଛି , ଯେଉଁଥିରେ ଫଳ , ପନିପରିବା ଏବଂ ଫୁଲ ଚ଼ାଷ ଅନ୍ୟତମ । ପୂର୍ବରୁ ଆମ ଦେଶର ଲୋକମାନେ କୁଟୁମ୍ବ କୁଟୁମ୍ବ ଧରି ଚ଼ାଷ କରୁଥିଲେ କିନ୍ତୁ ଏବେ ଏଥିରେ ବ୍ୟତିକ୍ରମ ଦେଖା ଗଲାଣି । ଆମ ଦେଶର ଯୁବପିଢି ମଧ୍ୟ ଏବେ ଚ଼ାଷ କାର୍ଯ୍ୟରେ ମନ ବଳାଉଛନ୍ତି, ଯାହାର ଅନ୍ୟତମ ଉଦାହରଣ ଆମେ ନିତ୍ୟ ଖବର କାଗଜ ମାଧ୍ୟମରେ ଦେଖୁଅଛୁ । ମୁଖ୍ୟତଃ ତିନୋଟି କାରଣ ଯୋଗୁଁ ଯୁବପିଢି କୃଷିକାର୍ଯ୍ୟ ପାଇଁ ଆଗ୍ରହୀ ପ୍ରକାଶ କରୁଛନ୍ତି । ପ୍ରଥମତଃ , ଜାତିଜୀବିକା କିସମ ଯାହାକୁ କି ଆମେ ହାଇବ୍ରିଡ କହୁ । ଏହି ହାଇବ୍ରିଡ ପଦ୍ଧତିରେ କେବଳ ଯେ ଚେରରୁ ବୃକ୍ଷ ହୋଇପାରିବ ତାହା ନୁହେଁ ବରଂ ବୃକ୍ଷର ଯେକୌଣସି ଅଂଶ ରୁ ଏବେ ଏହା ସମ୍ଭବ ଏବଂ ଏଥିରେ ଅନ୍ୟ ବୃକ୍ଷର ମିଶ୍ରଣ ମଧ୍ୟ ସମ୍ଭବ । ଯେଉଁ ପ୍ରକାରର କିସମ କିମ୍ବା ଯେଭଳି ଅମଳ ଅଧିକ ହୋଇପାରିବ ସେହିପରି ବୃକ୍ଷ ମଧ୍ୟ ଜନ୍ମିତ କରାଯାଇପାରୁଅଛି ।

ଦ୍ୱିତୀୟତଃ , ଏହି ଉଦ୍ଭାବନ ସବୁକୁ ଆଗେଇ ନେବାର ଦାୟିତ୍ୱ ନେଉଛନ୍ତି ଆମର ଯୁବକୃଷି ବିଜ୍ଞାନୀଗଣ ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ମୁଖ୍ୟ ଅନୁଷ୍ଠାନ ହେଉଛି ଆମ ରାଜ୍ୟରେ ଅବସ୍ଥାପିତ ଥିବା ଓଡିଶା କୃଷି ଏବଂ ବୈଷୟିକ ଅନୁଷ୍ଠାନ (ଓୟୁଏଟି), ଜାତୀୟ ଧାନ ଗବେଷଣା କେନ୍ଦ୍ର (ଆଇସିଏଆର ) ଏବଂ ସେଂଚୁରିୟନ ବୈଷୟିକ ଓ ପରିଚ଼ାଳନା ଅନୁଷ୍ଠାନ (ସିୟୁଟିଏମ) ଏବଂ ଅନ୍ୟାନ୍ୟ ଛୋଟବଡ ଅନୁଷ୍ଠାନ । ତୃତୀୟତଃ , ଆମ ଦେଶର ସରକାର ମଧ୍ୟ ଦେଶର ଚ଼ାହିଦାକୁ ଦେଖି ବିଭିନ୍ନ ଯୋଜନା ପ୍ରଚ଼ଳନ କରିଛନ୍ତି, ଯାହା ଅନ୍ୟତମ ମୁଖ୍ୟ କାରଣ ଯୁବ ବିଜ୍ଞାନୀ ମାନଙ୍କୁ ଆକୃଷ୍ଟ କରିବାର ।



# ଯୁବ କୃଷି ବିଜ୍ଞାନୀ ଓ ସେମାନଙ୍କ ଅବଦାନ

ମନୁଷ୍ୟ ଯେଉଁ କିସମ କିସମର ଖାଦ୍ୟ  ଗ୍ରହଣ କରୁଅଛି ତାହା ପଛରେ ରହିଛି ବୈଜ୍ଞାନିକଙ୍କ ଅବଦାନ  । ପ୍ରଥମେ ପ୍ରଥମେ ଆମ ଦେଶର ପ୍ରଧାନ କୃଷିଜାତ ଦ୍ରବ୍ୟ  ଗୁଡିକୁ ଯେପରିକି ଧାନ, ଗହମ, ଇତ୍ୟାଦି କିଛି କିଛି କିସମ ଉପଲବ୍ଧ ହେଉଥିଲା କିନ୍ତୁ ଏବେ ସମୟ ସହିତ ତାହା ମଧ୍ୟ ବଦଳିଛି ଏବଂ ବ□ମାନ କେବଳ ଧାନ ର ୫୦୦ କିସମ ବିହନ ଆମ ଦେଶରେ ଉପଲବ୍ଧ  । ଯୁବବିଜ୍ଞାନୀ ଗଣଙ୍କ ପ୍ରଚେଷ୍ଟା ଯୋଗୁଁ ଏବେ ତାହା ସମ୍ଭବ ହୋଇପାରିଛି । ଆମ ରାଜ୍ୟରେ ତଥା ଦେଶର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ କୃଷି ଓ ପ୍ରଯୁକ୍ତି ବିଦ୍ୟା ପାଇଁ , ଯେଉଁଠି ଲକ୍ଷ ଲକ୍ଷ ଯୁବବିଜ୍ଞାନୀଗଣ ଏବେ ମଧ୍ୟ ନୂତନ ଉଦ୍ଭାବନ ପାଇଁ କାର୍ଯ୍ୟରତ । ଏହି ଏକବିଂଶ ସତାବ୍ଦୀ ର ମୁଖ୍ୟ ଚାଷ ପ୍ରଣାଳୀ ଭାବେ ଉଦ୍ଭାବନ ହୋଇଛି ଜୈବିକ ଚାଷ, ଯାହା ମାଧ୍ୟମରେ ଖୁବ କମ ଦିନ ଅନ୍ତରାଳରେ ଅଧିକ ଅମଳ କରାଯାଇ ପାରୁଛି ଏବଂ ବୃକ୍ଷ ଗୁଡିକ ମଧ୍ୟ ଖୁବ ହୃଷ୍ଟପୃଷ୍ଟ ରହି ପାରୁଛନ୍ତି । ଏହି ଜୈବିକ ଚାଷରେ ମୁଖ୍ୟତଃ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ବିହନ ଏବଂ ଜୈବିକ ସାର ବ୍ୟବହାର କରାଯାଉଅଛି  ।

ଯୁବବିଜ୍ଞାନୀଙ୍କ ଧ୍ୟାନ କେବଳ ଚାଷ ଏବଂ ଉତ୍ପାଦନ ଉପରେ କେନ୍ଦ୍ରୀୟ  ହୋଇ ରହିନଥାନ୍ତି  । ନୂତନ ଧରଣର କୃଷି ଯନ୍ତ୍ରପାତି ଉଦ୍ଭାବନ ରେ ମଧ୍ୟ ରହିଥାନ୍ତି  । କୃଷି ଓ କୃଷକଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଉଦ୍ଭାବନ ହୋଇଛି ନୂତନ ଯନ୍ତ୍ରପାତି  । ପ୍ରଥମେ କେବଳ ଟ୍ରାକ୍ଟର ଏବଂ ବିହନ ବୁଣା ଯନ୍ତ୍ର  ବ୍ୟବହାର ହେଉଥିଲା ବ□ମାନ କିନ୍ତୁ ବିହନ ବୁଣା ଯନ୍ତ୍ର ଠୁ ଆରମ୍ଭ କରି ଅମଳ କରିବା ଯନ୍ତ୍ର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାରର ଯନ୍ତ୍ରପାତି ଉପଲବ୍ଧ ହେଲାଣି  । କେବଳ ଏତିକିରେ ଯୁବବିଜ୍ଞାନୀଙ୍କ ଅବଦାନ ସୀମିତ ରହିନାହିଁ , ଚାଷ ପାଇଁ ବ୍ୟବହୃତ ପ୍ରତ୍ୟେକ ଯନ୍ତ୍ର ଆଜି ଯୁବ ବିଜ୍ଞାନୀ ଗଣ ଖୁବ କମ ଖର୍ଚ୍ଚରେ ଚାଷୀଙ୍କ ପାଇଁ ପ୍ରସ୍ତୁତ କରିପାରୁଛନ୍ତି , କେବଳ ଯେ ସେମାନେ ଯନ୍ତ୍ରପାତି କେନ୍ଦ୍ରିକ ତାହା ନୁହେଁ ବରଂ ଆମ ଦେଶର କୃଷକର ଚାହିଦା ଏବଂ ସେମାନଙ୍କ ଆର୍ଥିକ ଅବସ୍ଥାକୁ ମଧ୍ୟ ଧ୍ୟାନ ଦେଇ ସେମାନେ ଖୁବ କମ ଖର୍ଚ୍ଚରେ ଏହିସବୁ ଯନ୍ତ୍ରପାତିଗୁଡିକୁ ପ୍ରସ୍ତୁତ କରିପାରିଛନ୍ତି । ଯାହା ଆମ ଦେଶ ଏବଂ ବିଶ୍ୱ ପାଇଁ ନିଶ୍ଚିତ ଶୁଭଙ୍କର  । ପ୍ରତିବର୍ଷ ପ୍ରାୟ ସବୁ ପନିପରିବା ଏବଂ ଶସ୍ୟର ଭିନ୍ନ ଭିନ୍ନ ରକମର କିସମ ଏବେ ବଜାରରେ ବିକ୍ରି ହେଉଅଛି ଏବଂ ଏହା କେବଳ ସମ୍ଭବ ଆମ ଯୁବକୃଷି ବିଜ୍ଞାନୀଙ୍କ ପାଇଁ  । ସେମାନଙ୍କର ନିରନ୍ତର ପ୍ରଚେଷ୍ଟା କୃଷିପ୍ରତି ଯୁବପିଢିଙ୍କ ଆଗ୍ରହ ସୃଷ୍ଟି କରୁଅଛି  ।

ନିକଟ ଅତୀତରେ ଆମ ରାଜ୍ୟର ଢେଙ୍କାନାଳର ଜଣେ  ଯୁବକୃଷି ବିଜ୍ଞାନୀ ନିଜ ପ୍ରଚେଷ୍ଟା ରେ ପ୍ରସ୍ତୁତ କରିଛନ୍ତି ସୋଲାର ଧାନବୁଣା ଯନ୍ତ୍ର ଏବଂ ସୋଲାର ଛତା /ସୂର୍ଯ୍ୟ ଚାଳିତ ଛତା ,ଯାହା କେବଳ କୃଷି କାର୍ଯ୍ୟର କଷ୍ଟକୁ କମ କରିନାହିଁ ବରଂ କୃଷକ ଙ୍କୁ ବର୍ଷା ଭଳି ଋତୁରେ ମଧ୍ୟ କାର୍ଯ୍ୟ କରିବାରେ ସକ୍ଷମ କରାଇଛି । କୃଷି କାର୍ଯ୍ୟ ଆମ ରାଜ୍ୟରେ ଏତେ ଉନ୍ନତି ହେଲାଣି ଯେ , ପୂର୍ବରୁ କେବଳ ଆସାମ ,ସିକିମ ,ହିମାଚଳ ପ୍ରଦେଶ ପରି ଥଣ୍ଡା ସ୍ଥାନରେ ଉତ୍ପାଦିତ ହେଉଥିବା ସେଓ,ଅଙ୍ଗୁର, ନାଶପତି ଏବେ ଆମ ରାଜ୍ୟର ସମ୍ବଲପୁର ଭଳି ଜିଲ୍ଲାରେ ମିଳିପାରୁଛି  । ଏହା ଯୁବ ବିଜ୍ଞାନୀ ମାନଙ୍କ ଆଧୁନିକ ପ୍ରଣାଳୀରେ ସମ୍ଭବ ହୋଇପାରୁଅଛି  । ବଡ ଦୁଃଖର ସହ କହିବାକୁ ଗଲେ ,ଭାରତର କୃଷିକୁ ପୁନର୍ଜୀବିତ କରିବା ହେଉଛି ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା । କିନ୍ତୁ ଏହି ପ୍ରାଥମିକ ଜୀବିକା କାର୍ଯ୍ୟକଳାପକୁ କିଏ ଆଗକୁ ବଢାଇବ ? ଦେଶରେ ପରବ□ୀ ପିଢିରେ  କୃଷକ ରହି ନଥିବେ । ଜନଗଣନା ୨୦୧୧ ଅନୁଯାୟୀ, ପ୍ରତିଦିନ ୨୦୦୦  କୃଷକ ଚାଷ ଛାଡିଥାନ୍ତି । କୃଷି ସମ୍ପ୍ରଦାୟର ଯୁବକମାନେ କୃଷି ପ୍ରତି ଆଗ୍ରହୀ ନୁହଁ । ଦୁଃଖର ବିଷୟ ଯେ କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଅଧିକାଂଶ ଛାତ୍ର ମଧ୍ୟ ଅନ୍ୟ ବୃ□ରେ ପରିବ□ନ କରୁଛନ୍ତି । ବିଡମ୍ବନାର ବିଷୟ, କୃଷି ତଥାପି ନିର୍ଭରଶୀଳ ମନେହୁଏ: ଦେଶର ମୋଟ ଘରୋଇ ଉତ୍ପାଦରେ ଅବଦାନ ହ୍ରାସ ସେ୍ତ୍ୱ ୫୫ % ଶ୍ରମିକ କୃଷି କ୍ଷେତ୍ରରୁ ଆସିଛନ୍ତି ।

ପ୍ରଭାତ କୁମାର ବୈଦ୍ୟ
ମୋ -୮୧୧୪୭୧୭୧୪୨

## ଶେଷ କଥା

କୃଷି ପାଇଁ ଯୁବକୃଷି ବିଜ୍ଞାନୀ ମାନଙ୍କ ଚେଷ୍ଟା ଓ ଅବଦାନ ଅବର୍ଣ୍ଣନୀୟ  । ଯେଉଁ କୃଷିକାର୍ଯ୍ୟ କରିବା ପାଇଁ ଯୁବ ପିଢି ଅମଙ୍ଗ ହେଉଥିଲେ ସେମାନେ ଆଜି କୃଷିକାର୍ଯ୍ୟରେ ମନ ବଳେଇଲେଣି ,ଯାହା ଆମ ଯୁବବିଜ୍ଞାନୀମାନଙ୍କର ପ୍ରେରଣାର ଉତ୍ସ  । ପରିଶେଷରେ ଆମ ଯୁବକୃଷି ବିଜ୍ଞାନୀଗଣ ଚାଷକାମ ଯାହାର ,ବେଶୀ ସୁଖ ତାହାର ଉକ୍ତିକୁ ନିଶ୍ଚିତ ଭାବରେ ସାଧିତ କରି ଦେଖାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ  ।

# ଲକଡାଉନ୍ ପ୍ରଭାବିତ ଗ୍ରାମ୍ୟ ଏବଂ କୃଷି ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର



ସାରା ପୃଥିବୀ ରେ କରୋନା ନିଜର କାୟା ବିସ୍ତାର କରିଚାଲିଛି ଏବଂ ଅନେକ ଚେଷ୍ଟା ପରେ ମଧ୍ୟ ବିଶ୍ୱ ର କୌଣସି ଦେଶ କିମ୍ବା ରାଜ୍ୟ ନିଜକୁ କରୋନା କବଳରୁ ରକ୍ଷା କରିବାରେ ସଫଳ ହେଇ ନାହାନ୍ତି । ସଂକ୍ରମଣ ରୋକିବାକୁ ସରକାର ଜାରି କରିଛନ୍ତି ଲକଡାଉନ । ଦୀର୍ଘ ଦିନ ଧରି ଚାଲି ଆସୁଥିବା ଏହି ଅନିଶ୍ଚିତ ଲକଡାଉନ, ଲକ୍ଷ ଲକ୍ଷ ସଂଖ୍ୟା ରେ ପ୍ରବାସୀ ଶ୍ରମିକଙ୍କ ରାଜ୍ୟ ଫେରନ୍ତା, ଅବିଚ୍ଛିନ୍ନ ବର୍ଷା ସାଙ୍ଗକୁ ତାଣ୍ଡବ ରଚିସାରିଥିବା ବିଧ୍ୱଂସକାରୀ ବାତ୍ୟା ଆନ ଗ୍ରାମ୍ୟ ଏବଂ କୃଷି ଅର୍ଥବ୍ୟବସ୍ଥାକୁ ବହୁମାତ୍ରାରେ ପ୍ରଭାବିତ କରିଛି । ସେପଟେ ଖାଦ୍ୟ ସୁରକ୍ଷା ଏବଂ ଖାଦ୍ୟ ଯୋଗାଣ ଏବେ ଚିନ୍ତା ର ବିଷୟ ପାଲଟିଛି । ଖାଦ୍ୟ ଉତ୍ପାଦକ ଚାଷୀ ମାନଙ୍କର କ୍ଷମତା, ଅସୁବିଧା ଓ ଆବଶ୍ୟକତା ଚିନ୍ତା ର ଏକମାତ୍ର କାରଣ ନୁହେଁ, କିଭଳି ଭାବେ ଉତ୍ପାଦିତ ଖାଦ୍ୟ ଶସ୍ୟ, ପନିପରିବା ଏବଂ ଅନ୍ୟାନ୍ୟ କୃଷିଦ୍ରବ୍ୟ ଉଚିତ ମୂଲ୍ୟ ଆଉ ଠିକ ସମୟ ରେ ଆବଶ୍ୟକ ଥିବା ଲୋକଙ୍କ ପାଖରେ ପହଂଚିବ ଏହା ମଧ୍ୟ ଚିନ୍ତା ର ଅନ୍ୟ ଏକ କାରଣ ସାଜିଛି । ଅନ୍ୟ ପଟେ ମୁଣ୍ଡ ରେ ଚଡକ ପକେଇଛି, ତେଣୁ ବାଧ୍ୟ ହେଇ ଚିନ୍ତିତ ଚାଷୀ ଉତ୍ପାଦିତ ଦ୍ରବ୍ୟକୁ ସ୍ୱଳ୍ପମୂଲ୍ୟରେ ବିକ୍ରି କରି କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଏହି ଭଳି କଠିନ ପରିସ୍ଥିତି ରେ ପୀଡିତ ଗରିବ ଲୋକ ଆଉ କୃଷକ ମାନଙ୍କୁ ସାହାଯ୍ୟର ହାତ ବଢାଇବା ସରକାରଙ୍କ ମୌଳିକ କର୍ତ୍ତବ୍ୟ ।



## ତେବେ ପ୍ରଶ୍ନ ଉଠିଛି

- ସରକାର କିଭଳି ଭାବେ ସେମାନଙ୍କୁ ସାହାଯ୍ୟ କରିପାରିବେ ?
- ସରକାରୀ ସାହାଯ୍ୟ ସେମାନଙ୍କର କ୍ଷତିପୂରଣ ଏବଂ ଅସୁବିଧା ଦୂର କରିବାରେ ସଫଳ ହେବ କି ?
- ସରକାରୀ ସାହାଯ୍ୟ ଦ୍ୱାରା ସେମାନେ ପ୍ରକୃତ ରେ ଉପକୃତ ହେବେ କି ?
- ସେମାନଙ୍କ ନିତିଦିନିଆ ଜୀବନ ଏବଂ ଅର୍ଥବ୍ୟବସ୍ଥା ରେ ସୁଧାର ଆସିବ କି ?
- ରବି ଅମଳ ପରି ଖରିଫ ଅମଳ ବି ନଷ୍ଟ ହେବନି ତ, ସେମାନେ ଆଉଥରେ କ୍ଷତିଗ୍ରସ୍ତ ହେବେନି ତ ?
- ଲକଡାଉନ ରେ ଜୀବିକା ହରେଇଥିବା ରାଜ୍ୟ ଏବଂ ପ୍ରବାସୀ ଶ୍ରମିକ ମାନଙ୍କୁ ନିଯୁକ୍ତି ମିଳିବ କି ?

ଉପରୋକ୍ତ ସମସ୍ୟା, ପ୍ରଶ୍ନ ଆଉ ତାର ସମାଧାନ କୁ ଆଖି ଆଗରେ ରଖି ଏହି ପ୍ରସଙ୍ଗ ରେ ମୁ ମୋ ମତାମତ, ମନ୍ତବ୍ୟ ପ୍ରକାଶ କରିବା ସହ ଏହିସବୁ କୁ ଅନୁସରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରାର୍ଥନା କରୁଛି ଯାହାଦ୍ୱାରା କଠିନ ପରିସ୍ଥିତିର ସାମ୍ନା କରୁଥିବା ଗରିବ ଚାଷୀ ମାନଙ୍କର ଜୀବନଶୈଳୀ ଓ ଅର୍ଥବ୍ୟବସ୍ଥା ରେ ସୁଧାର ଆସିବା ସହ ରାଜ୍ୟ ତଥା ଦେଶ ର ଆର୍ଥିକ ସାମର୍ଥ୍ୟ ବଢିବ ଏବଂ ବେକାରୀ, ଦାରିଦ୍ର୍ୟ ସମସ୍ୟା ଦୂର ହେବ ।

- କୃଷି କ୍ଷେତ୍ର ର ଶ୍ରମିକ ଅଭାବ କୁ ପୁରାଣ କରିବା ପାଇଁ ମନରେଗା ଯୋଜନା ଅନ୍ତର୍ଗତ ଅତିରିକ୍ତ ଶ୍ରମିକ ମାନଙ୍କୁ କୃଷି କ୍ଷେତ୍ର ର ନିୟୋଜିତ କରାଯାଉ ।
- ଯେଉଁ ଚାଷୀ ମାନଙ୍କ ପାଖରେ ରେସନ କାର୍ଡ ନାହିଁ ଆଉ ସେମାନେ ସାଧାରଣ ବ[ନ ପାଇଁ ଆସୁଥିବା ଖାଉଟି ସାମଗ୍ରୀ ର ହିତାଧିକାରୀ ହେଇପାରୁନାହାନ୍ତି , ଆଧାର କାର୍ଡ ମାଧ୍ୟମରେ ସେମାଙ୍କୁ ସେଇ ସେବା ଉପଭୋଗ କରିବାର ସୁଯୋଗ ଦିଆଯାଉ ।
- ଲକଡାଉନ ଓ ବନ୍ଧ ଡାକରା ଯୋଗୁ ରବି ଅମଳର ବିକ୍ରି ପ୍ରଭାବିତ ହେଇଥିଲା ଏବଂ ଚାଷୀ ମାନେ କ୍ଷତିଗ୍ରସ୍ତ ହେଇଥିଲେ । ତେଣୁ ସମସ୍ତ ଚାଷୀ ଙ୍କୁ କ୍ଷତିପୂରଣ ଦିଆଯାଉ, ଆଗାମୀ ଖରିଫ ଚାଷ ପାଇଁ ଆର୍ଥିକ ସାହାଯ୍ୟ ଦେବା ସହ ଖରିଫ ଅମଳ କୁ କିଣିବା ପାଇଁ ସରକାରୀ ପ୍ରତିଶ୍ରୁତି ଦିଆଯାଉ ।
- କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଗୋଟେ ବର୍ଷ ଯାଏଁ ଋଣ ଛାଡ଼ କରାଯାଉ ।
- କିସାନ କ୍ରେଡିଟ କାର୍ଡ ର ଋଣ ସୀମା ବୃଦ୍ଧି କରି ସୁଧ ହାର କମ୍ କରାଯାଉ ।
- କୃଷି ଏବଂ ମତ୍ସ୍ୟ ଉଦ୍ୟୋଗର ଯୋଗାଣ ବ୍ୟାବସ୍ଥା ରେ ଗୁରୁତ୍ୱ ଦିଆଯାଉ ।
- ପନିପରିବା ଚାଷୀଙ୍କୁ ଅମଳ ପାଇଁ ଶ୍ରମିକ ସହ ବଜାରକୁ ନେବା ଆଣିବା ପାଇଁ ପରିବହନ ବ୍ୟବସ୍ଥା ଯୋଗାଇ ଦିଆଯାଉ ।
- କୋରନା ମୁକାବିଲା ପାଇଁ ଚାଷୀ ଏବଂ ପରିବା ବେପାରୀ ଙ୍କ କିଣା ବିକା ଉପରେ ଲାଗିଥିବା କଟକଣା ଉଚ୍ଛେଦ କରାଯାଉ ।
- କୃଷିଯନ୍ତ୍ର, ବିହନ, ସାର, କୀଟନାଶକ, ଉପରେ ଲାଗିଥିବା ଜି.ଏସ.ଟି ଉଠାଯାଉ ।
- କୃଷି କାର୍ଯ୍ୟ ରେ ବ୍ୟବହୃତ ଡିଜେଲ, ପେଟ୍ରୋଲ, କିରୋସିନ ଚାଷୀ ମାନଙ୍କୁ କମ ଦରରେ ଯୋଗାଇଦିଆଯାଉ ।
- ୟୁରିଆ, ପଟାସ ଏବଂ ଡି.ଏ.ପି ଜାତୀୟ ସାର ଦର ରେ ରିହାତି ଦେବା ସହ ଚାଷୀ ମାନଙ୍କୁ ସବସିଡି ଦିଆଯାଉ ।
- ଗ୍ରାମ୍ୟାଂଚଳରେ ରେ ଜଳ, ବିଦ୍ୟୁତ ଯୋଗାଣ ଇତ୍ୟାଦି ସରକାରୀ ସେବା ର ଦର ହ୍ରାସ କରାଯାଉ ନଚେତ ନିଶୁଳ୍କ ସେବା ଯୋଗାଇ ଦିଆଯାଉ ।
- ଗ୍ରାମୀଣ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଭଳି ବିଭିନ୍ନ କ୍ରିୟାଶୀଳ ଯୋଜନା ର ବଜେଟ, ଅଟକଳ ରାଶି ବଢ଼ାଇ ପ୍ରବାସୀ ଶ୍ରମିକ ମାନଙ୍କୁ ଯୋଜନା ଅନ୍ତର୍ଗତ କରାଯାଉ ଏବଂ ନିଯୁକ୍ତି ଦିଆଯାଉ ।
- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳ ଯୋଜନା ର ଉପକୃତ ଚାଷୀ ମାନଙ୍କୁ ଆଗାମୀ କିଛି ମାସ ଯାଏଁ ବିନାମୂଲ୍ୟ ରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉ ।
- ଲକ ଡାଉନ ଯୋଗୁ ଚଢ଼ା ଦର ରେ ବିକ୍ରି ହଉଥିବା କ୍ଷୀର ଏବଂ କ୍ଷୀର ଜାତୀୟ ସାମଗ୍ରୀ କୁ ଗ୍ରାମାଂଚଳର ରୋଗୀ, ଶିଶୁ, ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଉଚିତ ମୂଲ୍ୟ ରେ ସହଜ ରେ ଉପଲବ୍ଧ କରାଯାଉ ।

ଚଳିତ ବର୍ଷ ସରକାର କୃଷିବଜେଟ, ମନରେଗା, ଯୋଗାଣ ବ୍ୟବସ୍ଥା, କିସାନ ସମ୍ମାନ ନିଧି ପାଇଁ ୧.୭୦ ଲକ୍ଷ କୋଟି ର ମୂଲ୍ୟରାଶି ଅନୁମୋଦନ କରିଥିଲେ ମଧ୍ୟ ଗ୍ରାମ୍ୟାଂଚଳ ର ଅର୍ଥବ୍ୟବସ୍ଥା କୁ କୋରନା ଏବଂ ଲକଡାଉନ କବଳ ରୁ ବଂଚେଇବା ପାଇଁ ଏହି ସବୁ ପଦକ୍ଷେପକୁ ଉଚ୍ଚ ସ୍ତରରେ ଅନୁଧ୍ୟାନ କରିବା ଉଚିତ ।

**ରୁଦ୍ରପ୍ରତାପ ସୁବୁଦ୍ଧି**
**ସହକାରୀ ପ୍ରାଧ୍ୟାପକ , ମିଟସ୍ , ରାୟଗଡ଼ା**



# ଅମଳ ପରବର୍ତ୍ତୀ ଧାନ ସଂରକ୍ଷଣ

**ଧାନ ହେଉଛି ଓଡ଼ିଶାର ମୁଖ୍ୟ ଫସଲ । ବର୍ଷକୁ ଦୁଇଥର ଧାନ ଅମଳ କରାଯାଏ ଓ ଏହାକୁ ବର୍ଷସାରା ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ତେବେ ବିଭିନ୍ନ କାରଣରୁ ସଂରକ୍ଷଣ ସମୟରେ ଧାନ ନଷ୍ଟ ହୋଇଥାଏ, ଯାହାର ସମ୍ଭାବନା ବର୍ଷାଦିନେ ସର୍ବାଧିକ କାରଣ ଏହି ସମୟରେ ବାୟୁମଣ୍ଡଳର ଆର୍ଦ୍ରତା ଅଧିକ ଥାଏ । ସର୍ବେକ୍ଷଣରୁ ଏହା ପ୍ରମାଣିତ ଯେ, ମୂଷା ଓ କୀଟ ଦ୍ୱାରା ଶତକଡା ୬ ଭାଗ ଧାନ ନଷ୍ଟ ହୁଏ । ଅମଳ ପରବର୍ତ୍ତୀ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଶତକଡା ୧୦ ଭାଗ ଧାନ ନଷ୍ଟ ହୁଏ । ନଷ୍ଟ ହେଉଥିବା ୧୬ ପ୍ରତିଶତ ଧାନକୁ ବିଭିନ୍ନ ସମୟରେ ବିଶେଷ କରି ଧାନ କାଟିବା ସମୟର ପଦକ୍ଷେପ, ମୂଷାଙ୍କ କବଳରୁ ଧାନ ରକ୍ଷା, ପୁରାତନ ଧାନର ସଂରକ୍ଷଣ ପଦ୍ଧତିରେ ଆଧୁନିକୀକରଣ, ଆଧୁନିକ ଧାନ ସଂରକ୍ଷଣ ପଦ୍ଧତି, ବୃହତ ସଂରକ୍ଷଣ ଭଣ୍ଡାରରେ ଧାନ ସାଇତିବେ କିପରି ଓ ଧାନ ଅମଳ ପରବର୍ତ୍ତୀ ନଷ୍ଟକୁ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ଏକ ଉପସ୍ଥାପନା ।**

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଖାଦ୍ୟ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକ ପଦ୍ଧତିରେ ଧାନ ସଂରକ୍ଷଣ ନିତ୍ୟାନ୍ତ ଆବଶ୍ୟକ । ବିଭିନ୍ନ କାରଣରୁ ଧାନ ଅମଳ ଓ ସଂରକ୍ଷଣ ସମୟରେ ଧାନ ନଷ୍ଟ ହୋଇଥାଏ । ବିଶେଷ କରି ଶସ୍ୟରେ ଥିବା ଜଳୀୟ ଅଂଶ ଓ ତାପମାତ୍ରା ଶସ୍ୟକୁ ପ୍ରଭାବିତ କରିଥାଏ । ସଂରକ୍ଷଣ ସମୟରେ ଧାନର ଜଳୀୟ ଅଂଶ ବଂଚିଗଲେ ଅନେକ ପ୍ରକାରର କୀଟାଣୁ ଅନୁକୂଳ ତାପମାତ୍ରାରେ ଖୁବଶୀଘ୍ର ବଢ଼ିଯାଏ । କେତେକ କୀଟାଣୁ ଏହି ଖାଦ୍ୟଶସ୍ୟରେ ଏକପ୍ରକାର ବିଷାକ୍ତ ରାସାୟନିକ ପଦାର୍ଥ ଉତ୍ପନ୍ନ କରିଥାନ୍ତି , ଯାହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ମାନଙ୍କରେ ଦୁଃସାଧ୍ୟ ରୋଗ ସୃଷ୍ଟି କରେ । ବେଳେବେଳେ ଏହି କୀଟାଣୁମନେ ଖାଦ୍ୟଶସ୍ୟର ଭ୍ରୁଣ ଗୁଡ଼ିକ ନଷ୍ଟ କରିଦେବା ଦ୍ୱାରା ଏହା ବିହନ ଭାବେ ବ୍ୟବହାର କରିହୁଏ ନାହିଁ । କିଛି କୀଟାଣୁ ଖାଦ୍ୟଶସ୍ୟର ଫ୍ରି ଫ୍ୟାଟି ଏସିଡ ଅଂଶ ବଢ଼ାଇ ଦେବାରୁ, ଚାଉଳରୁ ଏକ ପ୍ରକାର ଦୂର୍ଗନ୍ଧ ବାହାରେ, ଯାହା ଚାଉଳର ମାନ ନଷ୍ଟ କରିଥାଏ । ବିହନ ଧାନର ଜଳୀୟ ଅଂଶ ଓ ତାପମାତ୍ରା ନିୟନ୍ତ୍ରଣ ନିତ୍ୟାନ୍ତ ଆବଶ୍ୟକ । ଧାନର ଜଳୀୟ ଅଂଶ ଶତକଡ଼ା ୧୩ ଭାଗ ଥିଲେ ଛଅ ମାସ ଓ ୧୨ଭାଗ ଥିଲେ ୨ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇ ପାରିବ । ଧାନ ସଂରକ୍ଷଣର ତାପମାତ୍ରାକୁ ସାଢ଼େ ଚାରି ଡିଗ୍ରୀ ସେଣ୍ଟିଗ୍ରେଡ଼ ମଧ୍ୟରେ ନିୟନ୍ତ୍ରଣ କରିପାରିଲେ, ଅଧିକାଂଶ କୀଟାଣୁ ପ୍ରାଣ ହରାଇଥାନ୍ତି । ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ପଦ୍ଧତି ଯୋଗୁଁ ଏବଂ ଉପଯୁକ୍ତ ଭଣ୍ଡାର ଅଭାବରୁ ଆମ ଦେଶରେ ପ୍ରତିବର୍ଷ ୧୫-୨୫ ପ୍ରତିଶତ ଖାଦ୍ୟଶସ୍ୟ ନଷ୍ଟ ହେଉଛି ।

ଏହି ସମସ୍ୟାର ସମାଧାନ ପାଇଁ ଉନ୍ନତ ମାନର ସ୍ଥାୟୀ ଅମାର, କଂକ୍ରିଟ ବା ଧାତବ କୋଠି, ବାଉଁଶର ଉନ୍ନତ ମାନର ଡୋଲିରେ ସଂରକ୍ଷଣ କରନ୍ତୁ । କଂକ୍ରିଟ ବନ୍ଦ କୋଠିକୁ ଚାଷୀଘରେ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ଖାଇବା ଧାନ ସଂରକ୍ଷଣ କରି ରଖିବା ପାଇଁ ଏକ ଛୋଟ କୋଠି ଭାବରେ ବ୍ୟବହାର କରାଯାଇପାରେ । ଏହା କମ ଖର୍ଚ୍ଚରେ, ମଜବୁତ ଓ ମୁସ ନିରୋଧକ ହୋଇଥିବାରୁ ବହୁଳ ଭାବରେ ଆଦୃତ ହୋଇପାରିଛି ।

**ଶୁଭଙ୍କର ପୁରୋହିତ**
**ପି.ଏଚ୍.ଡ଼ି ଛାତ୍ର , ଜି.ବି.ପନ୍ଥ କୃଷି ବିଶ୍ୱବିଦ୍ୟାଳୟ**
**ମୋ -୯୪୩୮୩୬୯୫୯୮**

# ଦେଶର କୃଷକ ହେଉଛନ୍ତି ଆମର ଅନ୍ନଦାତା



ମଧ୍ୟପ୍ରେଦଶେର ହେଉଥିବା କିଷାନସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ଶ୍ରୀ ନେରନ୍ଦ୍ରମୋଦୀ ଆଜି ଭିଡିଓ କନଫେରନ୍ସ ଜରିଅାେର ସମ୍ବୋଧିତ କରିଛନ୍ତି। ଏହାଛଡା ସେ ଶୀତଳ ଭଣ୍ଡାର ଭି□ଭୂମି ଓ ଅନ୍ୟାନ୍ୟ ସୁବିଧାସୁେଯାଗର ଶିଳାନ୍ୟାସ କରିବା ସହ ଉଦଘାଟନ ମଧ୍ୟ କରିଛନ୍ତି । ଏହି ଅବସରେର ଉଦେବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଚାଷୀ ଯେତେ କଠିନ ପରିଶ୍ରମ କେଲ ମଧ୍ୟ ଖାଦ୍ୟ ଶସ୍ୟ, ଫଳ ଓ ପନପରିବାର ଭଣ୍ଡାର ବିନା ତାକୁ ବିପୁଳ କ୍ଷତି ସହିବାକୁ ପଡିବ । ବ୍ୟବସାୟୀକ ଜଗତକୁ ଆଧୁନିକ ଭଣ୍ଡାରଣ ବ୍ୟବସ୍ଥା ଓ ନୂତନ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର କାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି । ଏହା ଚାଷୀମାନଙ୍କୁ ସାହାଯ୍ୟ କରିବା ସହ ଦେଶକୁ ମଧ୍ୟ ରକ୍ଷା କରିବ। ଉନ୍ନତ ଦେଶଗୁଡିକରେ ଭାରତୀୟ କୃଷକମାନଙ୍କୁ ଅବିଳମ୍ବେ ଅତ୍ୟାଧୁନିକ ସୁବିଧା ଯୋଗାଇବା ଉପେର ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଦ୍ରୁତ ପରିବ□ିତ ବୈଷୟିକ ଦୃଶ୍ୟପଟ୍ଟର ଭାରତୀୟ ଚାଷୀମାନେ ଅତ୍ୟାଧୁନିକ ସୁବିଧା ବିନା ଅସହାୟ ହୋଇ ରହିବେ ନାହିଁ । ନିକଟେର ନୂତନ କୃଷି ନୀତି ସମ୍ପର୍କରେ ଚାଲିଥିବା ଅେଲାଚନା ଉପେର ଅାେଲାକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏଭଳି ସଂସ୍କାରମୂଳକ ଆଇନ ପାଇଁ ଦୀର୍ଘ ୨୦-୨୨ ବର୍ଷ ଧରି ବିଚାରବିମର୍ଷ ଚାଲିଥିଲା । ଏସବୁ ଆଇନ ରାତାରାତି ପ୍ରବ□ିତ ହୋଇନାହିଁ । ଦେଶର କୃଷକ, ଚାଷୀ ସଂଗଠନ, କୃଷି ବେିଶଷଜ୍ଞ, କୃଷି ଅଥର୍ନୀତି ବିଶାରଦ, କୃଷିରେ ବୈଜ୍ଞାନିକ ଓ ଅଗ୍ରଣୀ ଚାଷୀମାନେ କୃଷି କ୍ଷେତ୍ରର ଉନ୍ନତି ପାଇଁ ନିରବଛିନ୍ନ ଭାବେ ଦାବି କରିଆସୁଥିଲେ । ଦଳୀୟ ଇସ୍ତାହାରେର କୃଷି ସଂସ୍କାର ନେଇ କୁହାଯାଇଥିଲେ ମଧ୍ୟ ପ୍ରକୃତପେକ୍ଷ ଏହାକୁ ତ୍ୱରାନ୍ୱିତ କରାଯାଇନଥିଲା । ଆଗରୁ ଏସମ୍ପର୍କରେ ଯେଉଁ ଅେଲାଚନା ଚାଲିଥିଲା ନୂତନ କୃଷି ନୀତିରେ ତାହାହିଁ ପ୍ରତିଫଳିତ ହାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାରମାନେ ଦୀର୍ଘ ୮ ବର୍ଷ ଧରି ସ୍ୱାମୀନାଥନ କମିଟିର ରେିପାଟର୍କୁ କାର୍ଯ୍ୟକାରୀ କରିନଥିଲେ । ଏପରିକି ଚାଷୀମାନଙ୍କ ଅେନ୍ଦାଳନ ମଧ୍ୟ ଏମାନଙ୍କୁ ସଚେତନ କରାଇପାରିନଥିଲେ ।ଚାଷୀମାନଙ୍କ ପାଇଁ ବିଶେଷ କିଛି ଖର୍ଚ୍ଚ କରିବାର ପଡିବ ନାହିଁ ବୋଲି ସେମାନେ ଧରିନେଇଥିଲେ । ବିରୋଧୀ ଦଳଙ୍କୁ ସମାେଲାଚନା କରି ସେ କହିଛନ୍ତି ଯେ, ସେମାନେ ଚାଷିମାନଙ୍କୁ ରାଜନୀତି ପାଇଁ ବ୍ୟବହାର କରୁଥିଲେ । ମାତ୍ର ତାଙ୍କ ସରକାର ଚାଷୀମାନଙ୍କୁ ଅନ୍ନଦାତା ଭାବେ ବିବେଚନା କରିବା ସହ ସେମାନଙ୍କ ସମସ୍ୟା ପ୍ରତି ଉତ୍ସର୍ଗୀକୃତ ମନୋଭାବ ପ୍ରଦଶର୍ନ କରୁଛନ୍ତି । ତାଙ୍କ ସରକାର ସ୍ୱାମୀନାଥନ କମିଟିର ରିପୋର୍ଟରେ କରାଯାଇଥିବା ସୁପାରିଶକୁ ତ୍ୱରାନ୍ୱିତ କରିଛନ୍ତି ଏବଂଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀ ଖର୍ଚ୍ଚର ଦେଢଗୁଣା ଏମଏସ୍ପି ପ୍ରଦାନ କରିଥିବା ମୋଦୀ ପ୍ରକାଶ କରିଥିଲେ । ଋଣ ଛାଡ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ଏହା ପହଂି ପାରେନାହିଁ, କାରଣ ସେ ବ୍ୟାଙ୍କକୁ ଯାଇପାରେ ନାହିଁ କି ଋଣ ନେଇ ପାରେନାହିଁ । ପିଏମକିଶାନ ଯୋଜନରେ ପ୍ରତିବର୍ଷ ଚାଷୀମାନେ ୭୫ ହଜାର କୋଟି ଟଙ୍କା ସହାୟତା ପାଇବେ, ଯାହାକି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ହେବ । ଏଥିରେ କୌଣସି ବାଟମାରଣା ହେବ ନାହିଁ କି କେହି କମିସନ ମଧ୍ୟ ପାଇପାରିବେ ନାହିଁ । ନିମ ପ୍ରେଲପଯୁକ୍ତ ୟୁରିଆ ଚାଷୀମାନଙ୍କୁ ଯୋଗାଇ କିପରି ଦୁର୍ନୀତି ରୋକା ଯାଇପାରିଛି ପ୍ରଧାନମନ୍ତ୍ରୀ ତାହା ଉପରେ ବର୍ଣ୍ଣନା କରିଥିଲେ । ପୂର୍ବ ସରକାରମାନଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ,ସେମାନେ ଚାଷୀମାନଙ୍କ ସମସ୍ୟା ପ୍ରତି ସଚେତନ ହୋଇଥିଲେ ଦୀର୍ଘ ଦଶନ୍ଧି ଧରି ୧୦୦ଟି ବୃହତ ଜେନସଚନ ପ୍ରକଳ୍ପ ଆଜି ଅସମାପ୍ତ ରହିନଥାନ୍ତା । ଏହିସବୁ ପ୍ରକଳ୍ପଗୁଡିକୁ ବିଭିନ୍ନ ମିଶନ ଜରିଆରେ ସଂପୂର୍ଣ୍ଣ କରିବା ପାଇଁ ଆମ ସରକାର



ହଜାର ହଜାରକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଚାଷ ଜମିକୁ ଜଳଯୋଗାଇ ଦେବାପାଇଁ ତାଙ୍କ ସରକାର ଉଦ୍ୟମ କରୁଛନ୍ତି । ଏହାଛଡା ମହୁ ଚାଷ, ପଶୁପାଳନ ଓ ମତ୍ସ୍ୟ ଚାଷ ଇତ୍ୟାଦି ପ୍ରତି ମଧ୍ୟ ସମଦୃଷ୍ଟି ଦେଉଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମତ୍ସ୍ୟ ଚାଷର ବିକାଶ ପାଇଁ ନୀଳ ବିପ୍ଳବ ଯୋଜନା କାର୍ଯ୍ୟକାରୀ କରାଯାଉଛି । କିଛିଦିନ ପୂର୍ବରୁ ମତ୍ସ୍ୟ ସମ୍ପଦ ଯୋଜନା ମଧ୍ୟ ଆରମ୍ଭ ହୋଇଛି । ଏହିସବୁ ଉଦ୍ୟମ ଯୋଗୁଁ ଦେଶେର ମତ୍ସ୍ୟ ଉତ୍ପାଦନ ସମସ୍ତ ପୂର୍ବ ରେକର୍ଡ ଭଙ୍ଗ କରିବାରେ ସକ୍ଷମ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସରକାରଙ୍କ ନୂତନ କୃଷି ନୀତିନେଇ ଅବିଶ୍ୱାସର କୌଣସି କାରଣ ନାହିଁ ଓ ଏଥିରେ ତିଳେମାତ୍ର ମିଥ୍ୟା ମଧ୍ୟ ନାହିଁ । ସରକାର ଏମଏସପି ଉଠାଇଦେବାକୁ ଚାହୁଁଥିଲେ ସ୍ୱାମୀନାଥନ କମିଟିର ସୁପାରିଶକୁ କାହିଁକି ଲାଗୁ କରିଥାନ୍ତେ, ସେ ବିଷୟେର ଟିକିଏ ଚିନ୍ତା କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଶସ୍ୟ ବୁଣା ହେବା ପୂର୍ବରୁ ଚାଷିକୁ ଆଶ୍ୱାସନା ଦେବା ପାଇଁ ଏମଏସପିରେ ଘୋଷଣା କରାଯାଇଥାଏ । ଏପରିକି କୋରାନା ପରି ମହାମାରୀର ମୁକାବିଲା କରୁଥିବା ବେଳ ମଧ୍ୟ ଶସ୍ୟ ଆହରଣ କାଳରେ ସ୍ୱାଭାବିକ ଭାବେ ଏମଏସପି ପ୍ରଦାନ କରାଯାଇଛି ।ଆଗରୁ ଯେଭଳି ଏମଏସପି ଦିଆଯାଇଆସୁଛି ତାହା ସେହିଭଳି ଅବ୍ୟାହତ ରହିବ ବୋଲି ପ୍ରଧାନମନ୍ତ୍ରୀ ଚାଷିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସରକାର ଏମଏସପିର ମୂଲ୍ୟ କେବଳ ବୃଦ୍ଧିକରିନାହାନ୍ତି ବରଂ ଏମଏସପି ଦେଇ ଅଧିକ ଶସ୍ୟ ମଧ୍ୟ ସଂଗ୍ରହ କରିଛନ୍ତି । ଯେତେବେଳ ଡାଲି ଜାତୀୟ ଶସ୍ୟର ସମସ୍ୟା ଦେଶେରଦେଖାଦେଇଥିଲା ତାହାର ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହାଦେଶ ବାହାରୁ ମଧ୍ୟ ଅଣାଯାଇଥିଲା । ସରକାର ୨୦୧୪ର ନୀତିର ପରିବ□ର୍ନ କରି ୧୧୨ ଲକ୍ଷ ଟନ ଡାଲି ଜାତୀୟ ଶସ୍ୟ ଚାଷୀମାନଙ୍କଠାରୁ ସଂଗ୍ରହ କରିଥିଲେ । ତେବେ ୨୦୧୪ ପୂର୍ବରୁ ୫ ବର୍ଷ ମଧ୍ୟରେ ମାତ୍ର ଦେଢ ଲକ୍ଷ ଟନ ଡାଲି ଜାତୀୟ ଶସ୍ୟ ସଂଗ୍ରହ ହୋଇଥିଲା । ଆଜି ଡାଲିଜାତୀୟ ଶସ୍ୟ ଉତ୍ପାଦନ କରୁଥିବା ଚାଷୀମନେ ଅଧିକ ଏମଏସପି ପାଉଛନ୍ତି ଓ ଏହାର ବଜାର ମୂଲ୍ୟ ମଧ୍ୟ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ ସ୍ପଷ୍ଟିକରଣ ଦେଇକହିଛନ୍ତି ଯେ, ନୂତନ ଆଇନବଳରେ ଚାଷୀମାନେ ତାଙ୍କ ଉତ୍ପାଦିତସାମଗ୍ରୀ ମଣ୍ଡି କିମ୍ବା ମଣ୍ଡି ବାହାରେ ବିକ୍ରି କରିବାର ସ୍ୱାଧୀନତା ପାଇଛନ୍ତି । ଚାଷୀ ଯେଉଁଠି ଅଧିକ ମୂଲ୍ୟ ପାଇବ ସେଠି ତାହାର ଜିନିଷବିକ୍ରି କରିପାରିବ । ନୂଆ ଆଇନ ପେର କୌଣସି ଗୋଟିଏ ବି ମଣ୍ଡି ବନ୍ଦ ହୋଇନାହିଁ । ଏପିଏମସିଗୁଡିକର ଆଧୁନିକୀକରଣ ନିମେନ୍ତ ସରକାର ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାଗ ଚାଷ ସମ୍ପର୍କରେ ସ୍ପଷ୍ଟିକରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହା ଆମ ଦେଶରେ ବହୁକାଳରୁ ଚାଲିଆସୁଛି । ଭାଗ ଚାଷରେ କେବଳ ଉତ୍ପାଦିତ ସାମଗ୍ରୀର ନେଣଦେଣ ହେଉଥିବା ବେଳ ଜମି ଚାଷୀ ପାଖେର ହିଁ ଥାଏ । ଏସମ୍ପକର୍ରେ ରାଜିନାମା ସହ ଜମିଜମାର କୌଣସି ସମ୍ପର୍କ ନାହିଁ । ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟେର ମଧ୍ୟ ଚାଷୀ ପୁରା ପଇସା ପାଇଥାଏ । ନୂତନ ଆଇନରେ ଚାଷୀ ପାଇଁ ପର୍ଯ୍ୟାପ୍ତ ଲାଭର ସୁବିଧା ରହିଛି । ଚାଷୀମାନଙ୍କ ଉଦେବଗ ପ୍ରତି ସମେବଦନା ପୂର୍ବକ ଏଥିରେ କୌଣସି ଆଶଙ୍କାର କାରଣ ନାହିଁ ବୋଲି କହିଛନ୍ତି । ସରକାର ପ୍ରତ୍ୟେକ ବିଷୟେର ଅଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ମହାମାନ୍ୟ ଅଟଳ ଜୀଙ୍କ ଜୟନ୍ତୀ ଆସନ୍ତା ୨୫ ତାରିଖ ଦିନ ଏହି ବିଷୟେର ସେ ପୁଣି ଅଲୋଚନା କରିବେ ବୋଲି କହିଛନ୍ତି । ସେହିଦିନ ପିଏମକିଶାନ ସମ୍ମାନ ନିଧିର ଦ୍ୱିତୀୟ କିସ୍ତି କୋଟିକୋଟି ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

(ପିଆଇବି )



# ପଙ୍ଗପାଳରୁ ଶିକ୍ଷା



ପୃଥିବୀ – ସୃଷ୍ଟିରେ ଯେପରି ଏକ ନିଆରା ଗ୍ରହ , ସେପରି ମଧ୍ୟ ଏକ ନିଆରା ବନ୍ଧନର ରଜ୍ଜୁ ରେ ବନ୍ଧା । ଏହା ଉପରେ କିମ୍ବା ଏହାର ପରିପାର୍ଶ୍ୱରେ ଚାଲୁଥିବା ବିଭିନ୍ନ ପ୍ରକ୍ରିୟା , ପରସ୍ପର ସହ ନିବିଡ଼ ସମ୍ପର୍କ ଓ ସମନ୍ୱୟ ରକ୍ଷା କରିଥାନ୍ତି । ମୁଖ୍ୟତଃ ୪ଟି ମଣ୍ଡଳ -ଜୀବ ମଣ୍ଡଳ,ବାୟୁମଣ୍ଡଳ , ଜଳମଣ୍ଡଳ ଏବଂ ଭୂମଣ୍ଡଳ ର ଉପସ୍ଥିତି ପାଇଁ , ପୃଥିବୀ ଉପରେ ଜୀବଜଗତ ର ସୃଷ୍ଟି ସମ୍ଭବ ହୋଇ ପାରିଛି । ପ୍ରକୃତି ସବୁବେଳେ ଉପରୋକ୍ତ ୪ ଟି ମଣ୍ଡଳ ମଧ୍ୟରେ ଏକ ନିୟନ୍ତ୍ରଣ ଓ ସମନ୍ୱୟ ର ସ୍ରୋତ ପ୍ରବାହିତ କରାଇ ଥାଏ ।କିନ୍ତୁ ଯେବେ ସେହି ସ୍ରୋତରେ କୌଣସି ସମସ୍ୟା ପରିଲକ୍ଷିତ ହୁଏ , ସେତେବେଳେ ଜୀବଜଗତ ପ୍ରକୃତି ପାଇଁ ଶତ୍ରୁ ପାଲଟି ଯାଏ କିମ୍ବା ପ୍ରକୃତି ଜୀବଜଗତ ପାଇଁ ଶତ୍ରୁ ପାଲଟି ଯାଏ ।

ପଙ୍ଗପାଳ – ଶୁଣିବାକୁ ଏକ ହାସ୍ୟାସ୍ପଦ ଶବ୍ଦ ଲାଗିପାରେ , ହେଲେ ତାର ବି କିଛି କ୍ଷମତା ଓ ଶକ୍ତି ରହିଛି । ଗୋଟେ ଛୋଟ ଦୁବ ଘାସକୁ ଆମେ ପାଦ ତଳେ ଚାପି ତା' ଉପରେ ଚାଲିବା ବେଳେ ତାର ସ୍ୱତନ୍ତ୍ରତାକୁ ଭୁଲି ଯାଇ ଥାଉ । ହେଲେ ସେଇ ଦୁବ ବିଡା ପୂଜାକର୍ମ ରେ ଆମ ମଥାରେ ଚନ୍ଦନ ଲଗାଇବା ପାଇଁ ବ୍ୟବହାର କରି ଥାଉ । ତେଣୁ କୌଣସି ବି ବସ୍ତୁ କୁ ହେୟ ମନେ କରିବା ଅନୁଚିତ୍ ।

ପଙ୍ଗପାଳ ଏକ ଝିଂଟିକା ପ୍ରଜାତିର କୀଟ କିନ୍ତୁ କୌଣସି ଉଡନ୍ତା କ୍ଷେପଣାସ୍ତ୍ର ଠାରୁ ବି କମ୍ ବିପଦ ପୂର୍ଣ୍ଣ ନୁହେଁ । କାରଣ କ୍ଷେପଣାସ୍ତ୍ର ଆକ୍ରମଣ ଆକସ୍ମିକ ଭାବେ କିଛି ଲୋକଙ୍କୁ କିଛି କ୍ଷଣ ମଧ୍ୟରେ ମାରି ଥାଏ ।ହେଲେ ପଙ୍ଗପାଳ ଆକ୍ରମଣ ମନୁଷ୍ୟର ଖାଦ୍ୟ ନଷ୍ଟ କରି ତାକୁ ଭୋକରେ ଜଳାଇ ଜଳାଇ ମାରେ ।

ସାଧାରଣତଃ ମରୁଭୂମି ଅଂଚଳରେ ପଙ୍ଗପାଳର ଦୌରାତ୍ମ୍ୟ ଦେଖିବାକୁ ମିଳି ଥାଏ । ବିଶେଷ କରି ଆଫ୍ରିକୀୟ ଦେଶ ଯଥା କେନିୟା , ଉଗାଣ୍ଡା , ସୁଦାନ, ଇଥିଓପିଆ ଓ ସୋମାଲିଆ ରେ ଏମାନଙ୍କର ପ୍ରଭାବ ଦେଖା ଯାଇ ଥାଏ ।୨୦୧୯ ମସିହାରେ ଆଫ୍ରିକା , ଆରବ ଦ୍ୱୀପପୁଞ୍ଜ ଓ ଦକ୍ଷିଣ ଏସିଆରେ ଏହି କୀଟ ଅଧିକ ବଂଶ ବିସ୍ତାର କରିବା ଦେଖିବାକୁ ମିଳିଛି । ଏମାନଙ୍କ ଆକ୍ରମଣ ରେ ଲକ୍ଷ୍ୟ ଲକ୍ଷ୍ୟ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଇଥିଓପିଆ ଓ ସୋମାଲିଆ ରେ ବିଗତ ୨୫ ବର୍ଷ ମଧ୍ୟରେ ଏହା ହଉଛି ସବୁଠାରୁ ବଡ଼ ବିପର୍ଯ୍ୟୟ । ପରେ ପରେ ଏହା ପାକିସ୍ତାନ ଓ ଭାରତକୁ ବ୍ୟାପିବାରେ ଲାଗିଛି । ଭାରତର ରାଜସ୍ଥାନ,ମଧ୍ୟପ୍ରଦେଶ , ମହାରାଷ୍ଟ୍ର , ଉତ୍ତରପ୍ରଦେଶ ଏବଂ ଗୁଜରାଟ ପରି ରାଜ୍ୟ ରେ ଚାଷୀ ମାନଙ୍କ ର ମୁଣ୍ଡ ବିନ୍ଧା ର କାରଣ ପାଲଟିଛି ଏହି କୀଟ ରୂପୀ ମହାମାରୀ ।

ଜୈବ ବିବଧତା ରେ ଅସନ୍ତୁଳନ ପଙ୍ଗପାଳ ମାନଙ୍କ ଦୌରାତ୍ମ୍ୟ ଓ ବଂଶ ବୃଦ୍ଧିର ମୁଖ୍ୟ କାରଣ ବୋଲି କହିଲେ କିଛି ଭୁଲ୍ ହେବ ନାହିଁ । କୁହା ଯାଉଅଛି ପଙ୍ଗପାଳଙ୍କ ବାସସ୍ଥାନ ଆଫ୍ରିକୀୟ ମରୁଭୂମି ଅଂଚଳରେ ଖାଦ୍ୟାଭାବ ଏବଂ ଜଳବାୟୁ ପରିବର୍ତ୍ତନ ହିଁ ବାଧ୍ୟ କରିଛି , ଏପରି କିଛି କରିବାକୁ । ବର୍ତ୍ତମାନର ଅନୁଧ୍ୟାନରୁ ଏହା ସୂଚନା ମିଳୁଅଛି କି ପୂର୍ବ ପ୍ରଜାତି ଠାରୁ ବର୍ତ୍ତମାନ ର ପ୍ରଜାତି କିଛି ଅଧିକ ଉଚ୍ଚରେ ଉଡିବାର ସାମର୍ଥ୍ୟ ରଖୁଛନ୍ତି , ଯାହା ସେମାନଙ୍କୁ ହଜାର ହଜାର କିଲୋମିଟର ଅତିକ୍ରମ କରିବାରେ ସହାୟକ ହେଉଛି । ଏହା ଛଡା ଏମିତି ବି ହୋଇ ପାରେ , ପଙ୍ଗପାଳଙ୍କ ଶତ୍ରୁ ପକ୍ଷୀ କିମ୍ବା ଶତ୍ରୁ କୀଟ ମାନଙ୍କ ସଂଖ୍ୟାରେ ମାତ୍ରାଧିକ ହ୍ରାସ , ଏହାର ଏକ ମୁଖ୍ୟ କାରଣ ।

ଚୀନ ଦେଶର ଏକ ଘଟଣାକୁ ଏହି ପରିପ୍ରେକ୍ଷୀରେ ଆଲୋଚନାର ବିଷୟ ପରିଭୁକ୍ତ କରାଯାଇ ପାରେ । ଘଟଣା ଟି ଥିଲା ୧୯୫୮ ମସିହାର । ମାଓ ଜେଡଙ୍ଗ , ଚୀନ କମ୍ୟୁନିଷ୍ଟ ପାର୍ଟିର ଅଧ୍ୟକ୍ଷ ଥିବା ବେଳେ , ଘରଚଟିଆ ମାନଙ୍କୁ ମାରିବା ପାଇଁ ଯୁଦ୍ଧ ଅଭିଯାନ ଭଳି ଏକ ଡାକରା ଦେଇଥିଲେ । କାରଣ ଚୀନବାସୀଙ୍କ ମନରେ ଘର ଚଟିଆ ମାନେ ଅଧିକ ଖାଦ୍ୟ ଶସ୍ୟ ନଷ୍ଟ କରୁଛନ୍ତି ବୋଲି ଗୋଟେ ଭାବନା ରହିଥିଲା । ଲୋକମାନେ ଭିନ୍ନ ଭିନ୍ନ ଶୈଳୀରେ ଚଟିଆ ମାନଙ୍କୁ ହତ୍ୟା ଏବଂ ଘଉଡାଇବା ର ପ୍ରଚେଷ୍ଟାରେ ନିବୃତ୍ତ ରହିଲେ । ପରେ ସେମାନେ ଚଟିଆଙ୍କ ପ୍ରାଦୁର୍ଭାବ ରୁ ରକ୍ଷା ପାଇଗଲେ ବୋଲି ମନେ ମନେ ଖୁସି ହେଲେ । କିନ୍ତୁ ତାର ଦୁଇ ବର୍ଷ ପରେ ଅର୍ଥାତ୍ ୧୯୬୦ ମସିହାରେ ଏକ ବିରାଟ ଖାଦ୍ୟ ସଙ୍କଟ ଚୀନ ରେ ଦେଖା ଯାଇଥିଲା । ଯାହାକି ୨୫ ମିଲିୟନ ଲୋକଙ୍କ ମୃତ୍ୟୁର କାରଣ ସାଜି ଥିଲା । ପ୍ରକୃତରେ ଘରଚଟିଆ ମାନେ ଯେତିକି ଶସ୍ୟ ଖାଉଥିଲେ , ତା ଠାରୁ ଅଧିକ ଶସ୍ୟ ନଷ୍ଟକାରୀ କୀଟ ମାନଙ୍କୁ ଆହାର

କରୁଥିଲେ । ତେଣୁ ସେମାନଙ୍କ ବଂଶ ହ୍ରାସ ପରେ ଚୀନ କୃଷି କ୍ଷେତ୍ରରେ କୀଟ ମାନଙ୍କ ସଂଖ୍ୟା ବଢିଥିଲା । ଯାହା କି ଏତେ ବଡ଼ ଦୁର୍ଭିକ୍ଷ କୁ ଚୀନ ରାଜ ରାସ୍ତା ରେ ଛିଡ଼ା କରାଇ ଦେଇଥିଲା । ତେଣୁ ଏଥିରୁ ପଙ୍ଗପାଳ ଙ୍କ ଭୟାବହତା କୁ ଅନୁଭବ କରା ଯାଇ ପାରେ ।

ପଙ୍ଗପାଳ ଆକ୍ରମଣ କୁ ଆମେ ଭୟ ନ କରି , ଏହାକୁ ଦୃଢ଼ ମନୋଭାବ ର ସହିତ ସମ୍ମୁଖୀନ କରିବା ଆବଶ୍ୟକ ।ଖାଲି ସେମାନଙ୍କୁ କୀଟ ନାଶକ ପ୍ରୟୋଗ କିମ୍ବା ବାଦ୍ୟଯନ୍ତ୍ର ର ଉପଯୋଗ ସାହାରା ରେ ଘଉଡାଇବା ପାଇଁ ପ୍ରୟାସ ନ କରି , ସେମାନଙ୍କୁ ବିକଳ୍ପ ଭାବରେ କିପରି ବ୍ୟବହାର କରି ହେବ ତାହା ବୈଜ୍ଞାନିକ ମାନେ ଭାବିବା ଜରୁରୀ । ଯେହେତୁ ପଙ୍ଗପାଳ ମାନେ ସରଳ ଖାଦ୍ୟ ଶସ୍ୟ କୁ ଏକ ଜଟିଳ ପ୍ରୋଟିନ ରେ ପରିଣତ କରୁଛନ୍ତି , ହୋଇପାରେ ମନୁଷ୍ୟ ପାଇଁ ଏହା ଖାଦ୍ୟ ଉପଯୋଗୀ ନୁହେଁ । କିନ୍ତୁ ଅନ୍ୟ କୌଣସି ଗୃହପାଳିତ ପଶୁ କିମ୍ବା ଫସଲ ପାଇଁ ଜୀବସାର ରୂପରେ ବ୍ୟବହାର କରାଯାଇ ପାରେ ।

ଶେଷରେ ସବୁ ଚାଷୀ ଭାଇ ମାନଙ୍କୁ ଅନୁରୋଧ , ସକାରାତ୍ମକ ମନୋଭାବ ରଖି ପ୍ରକୃତିର ଏହି ଦୁଷ୍ଟ ଆହ୍ଵାନ କୁ ପ୍ରତିହତ କରିବା ପାଇଁ ଆଗେଇ ଆସିବା ଜରୁରୀ । କାରଣ ସମସ୍ୟା ଉପୁଜିଛି ମାନେ କୋଉ ଅଜଣା , ଅନ୍ଧାର କୋଣରେ ତା'ର ସମାଧାନ ଲୁଚିକି ରହିଛି । ଆମକୁ ଖାଲି ଧୈର୍ଯ୍ୟ ଏବଂ ସାହସର ସହ ସମାଧାନ କୁ ଖୋଜି ବାହାର କରିବାର ଅଛି ।

ଶ୍ରବଣ କୁମାର କର
ମୋ - ୯୧୧୪୬୪୯୬୫୪



**ଆପଣ ବି ଜଣାଇପାରିବେ ଆପଣଙ୍କ ସମସ୍ୟା...**

ଚାଷ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସମାଧାନ ପାଇଁ ଆମକୁ ଯୋଗାଯୋଗ କରନ୍ତୁ

**ଠିକଣା**

ମାର୍ଫତ : ସମ୍ପାଦକ ଶ୍ୟାମଳ ସୁବର୍ଣ୍ଣ
ଷ୍ଟେଟବ୍ୟାଙ୍କ ପାଖ
ବାସୁଦେବପୁର, ଭଦ୍ରକ



# ଫୁଲଗଛରେ ସୂକ୍ଷ୍ମ ପୋଷକର ଭୂମିକା

ଜୀବଜଗତରେ ବସବାସ କରୁଥିବା ମଣିଷ ବଂଚି ରହିବା ନିମନ୍ତେ ଆବଶ୍ୟକ କରୁଥିବା ମୌଳିକ ଚାହିଦା ମଧ୍ୟରୁ ଖାଦ୍ୟର ଭୂମିକା ଯେପରି ଅତୀବ ଗୁରୁତ୍ୱପୂର୍ଣ୍ଣ ଠିକସେପରି କୋମଳମତି ଫୁଲ ମାନଙ୍କ କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ପୋଷକର ଆବଶ୍ୟକତା ଅନେକ ରହିଛି । ତେବେ ମୁଖ୍ୟତଃ ପରିବେଶରୁ ହି ଏ ଫୁଲଗଛ ମାନେ ଅନେକ ପୋଷକ ଦ୍ରବ୍ୟ ଶୋଷଣ କରିନେଇଥାନ୍ତି ଏଂ ସେମାନେ ଶୋଷଣ କରୁଥିବା ଅନେକ ପୋଷକ ଦ୍ରବ୍ୟ ମଧ୍ୟରୁ ୧୬ଟି ପୋଷକ ଗଛର ପାଳନ,ପୋଷଣ ଓ ବର୍ଦ୍ଧନ ଦିଗରେ ବିଶେଷ ଭାବରେ ସହାୟକ ହୋଇଥାଏ ଓ ସେହି ପୋଷକ ମାନଙ୍କୁ ଅପରିହାର୍ଯ୍ୟ ପୋଷକ କୁହାଯାଏ ।ଆବଶ୍ୟକତା ଓ ପରିମାଣ ଦୃଷ୍ଟିକୋଣକୁ ଭି□ କରି ପୁନଶ୍ଚ ପୋଷକ ଗୁଡିକୁ ସ୍ଥୁଳ ଓ ସୂକ୍ଷ୍ମ କିମ୍ବା ମହା ପୋଷକ ଓ ଲଘୁ ପୋଷକ ଭାବେ ବିଭକ୍ତ କରାଯାଇଛି ।ଲୌହ,ବୋରନ,ତମ୍ବା,ଜିଙ୍କ, ମାଂଗାନିଜ,କ୍ଲୋରିନ ଓ ମଲିବଡେନମ ଆଦି ଗଛ ପାଇଁ ଯବକ୍ଷାରଯାନ, ଫସଫରସ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ସଲଫର ପରି ସ୍ଥୁଳ ବା ମହା ପୋଷକ ମାନଙ୍କ ଅପେକ୍ଷା କମ ପରିମାଣରେ ଆବଶ୍ୟକ ହେଉଥିବାରୁ ସେଗୁଡିକ ସୂକ୍ଷ୍ମ ବା ଲଘୁ ପୋଷକ ନାମରେ ନାମିତ ।ତେବେ ଏହି ଲଘୁ ପୋଷକ ଗୁଡିକ ଅଳ୍ପ ପରିମାଣରେ ଆବଶ୍ୟକ ହେଉଥିଲେ ମଧ୍ୟ ଏସବୁର ଭୂମିକା କିନ୍ତୁ ଅନ୍ୟ ଉଦ୍ଭିଦ ପରି ଫୁଲଗଛ ମାନଙ୍କରେ ବିଶେଷ ଭାବେ ପ୍ରଭାବଶାଳୀ ବୋଧ ହୁଏ । ଫୁଲଗଛ ମାନଙ୍କର ସ୍ୱାଭାବିକ ବୃଦ୍ଧି ଓ ବିକାଶ ପାଇଁ ଏସବୁ ସୂକ୍ଷ୍ମ ପୋଷକ ମାନଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ପ୍ରକୃତରେ ଅନେକ ବର୍ଷ ପୂର୍ବରୁ ଫୁଲଚାଷ ପାଇଁ ଏ ସୂକ୍ଷ୍ମ ପୋଷକ ପ୍ରୟୋଗ କ୍ଷେତ୍ରରେ ବିଶେଷ ଧ୍ୟାନ ଦିଆଯାଉନଥିଲା କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ପରିବେଶ ପ୍ରଦୂଷଣ ଯୋଗୁ ମୃ□କା ନିଜର ଗୁଣବ□। ବାରମ୍ବାର ହରାଇବା ଫଳରେ ମାଟିରେ ମଧ୍ୟ ଲବଣଅଂଶ ବୃଦ୍ଧି,ଅନିୟନ୍ତ୍ରିତ ଅମ୍ଳୀୟ ଓ କ୍ଷାରୀୟ ପରିମାଣ ପରି ଅନେକ ସମସ୍ୟା ଦୃଷ୍ଟିଗୋଚର ହେବା ସହ ଗଛ ପାଇଁ ଏହି ସବୁ ସୂକ୍ଷ୍ମ ପୋଷକ ମାନଙ୍କର ସହଜଲଭ୍ୟତା ସମ୍ଭବପର ହୋଇପାରୁନାହିଁ ।କିନ୍ତୁ ଗଛର କୋଷ ବିଭାଜନ,ଜନନ,ଆଲୋକ ଶ୍ଳେଷଣ ପରି ବିଭିନ୍ନ ଜୈବ ରାସାୟନିକ କ୍ରିୟା ତଥା ଅନ୍ୟାନ୍ୟ ବିପଚୟୀ ପ୍ରକ୍ରିୟାରେ ମଧ୍ୟ ଏହି ସୂକ୍ଷ୍ମ ପୋଷକ ଗୁଡିକର ଭୂମିକା ଅପରିହାର୍ଯ୍ୟ । ସେଥିପାଇଁ ଏହି ସୂକ୍ଷ୍ମ ପୋଷକ ସବୁର ଅଭାବରେ ଫୁଲଗଛ ମାନଙ୍କରେ ସ୍ୱାଭାବିକ କ୍ରିୟା ସବୁ ବାଧାପ୍ରାପ୍ତ ହେବା ସହ ଗଛର ବଢ଼ିବାରେ,ଫୁଲ ଧରିବାରେ ଅସୁବିଧା ପରିଲକ୍ଷିତ ହେବା ସହ ସୂକ୍ଷ୍ମ ପୋଷକ ଅଭାବ ଜନିତ ରୋଗ ସବୁ ଦେଖାଯାଏ ।

ସୂକ୍ଷ୍ମ ପୋଷକ ମାନଙ୍କ ମଧ୍ୟରୁ ବୋରନକୁ ଏକ ମୁଖ୍ୟ ପୋଷକ ରୂପେ ଗ୍ରହଣ କରାଯାଏ ।ଫୁଲ ଗଛ ଶରୀରର ନୂତନ କୋଷ ନିର୍ମାଣ,ଗଛର ଅଭିବୃଦ୍ଧି,ଗଛରେ କ୍ୟାଲସିୟମର ଗତିଶୀଳତା ଓ ଯବକ୍ଷାରଯାନର ଶୋଷଣ,ଶର୍କରା ତଥା ଅନ୍ୟ ଖାଦ୍ୟ ପଦାର୍ଥର ସୁପରିବହନ ଓ ସ*ାଳନ,ପରାଗଣ କ୍ରିୟାରେ ବୋରନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାର ଅଭାବରେ ମୁଖ୍ୟତଃ ସେବତୀ ଫୁଲଗଛ ଗୁଡିକ ଭଲ ଭାବେ ବଢି ନପାରିବାର ଦେଖାଯାଏ । ସେହିପରି ଏହାର ଅଭାବରେ ସେବତୀର କଢ଼ ଗୁଡିକ ଠିକ ରୂପେ ଖୋଲି ପାରେ ନାହିଁ ,ଫୁଲ ମଧ୍ୟ ଡେରିରେ ଆସିଥାଏ ତଥା ଅଳ୍ପ ସଂଖ୍ୟକ ଫୁଲ ହୋଇଥାଏ ଯାହା ଫଳରେ ଚାଷୀଟିଏ ଆର୍ଥିକ ସଫଳତା ପାଇପାରେ ନାହିଁ ।ଗେଣ୍ଡୁ ଫୁଲ କ୍ଷେତ୍ରରେ ମଧ୍ୟ ବୋରନ ଫୁଲର ଗୁଣାତ୍ମକ ଆକାରକୁ ନିୟନ୍ତ୍ରଣ କରିଥାଏ ।ଏକ ବର୍ଗମିଟର ପିଛା ଜମିରେ ୧.୫ ଗ୍ରାମ ବୋରାକ୍ସର ପ୍ରୟୋଗ ସେବତୀ ଗଛରେ ପରିଲକ୍ଷିତ ଏସବୁ ଅଭାବ ଅସୁବିଧାକୁ ଦୂର କରିବା ଦିଗରେ ସହାୟକ ହୋଇଥାଏ ।

ଅନ୍ୟତମ ସୂକ୍ଷ୍ମ ପୋଷକ ମାଂଗାନିଜ କ୍ୟାଲସିୟମ ବହୁଳ ମୃ□କାରେ କ୍ଷାରୀୟ ପରିମାଣକୁ ହ୍ରାସ କରିବାରେ ବିଶେଷ ଭୂମିକା ଗ୍ରହଣ କରେ ।ମାଂଗାନିଜର ଅଭାବରେ ମଧ୍ୟ ଇ[ରଭେନାଲ କ୍ଲୋରୋସିସ ରୋଗ ବିଭିନ୍ନ ଫୁଲଗଛ ମାନଙ୍କରେ ପରିଲକ୍ଷିତ ହୋଇଥାଏ । ମୁଖ୍ୟତଃ ଉପକୂଳବ□ୀ ଅଂଚଳ,ବାଲିଆ ମାଟିରେ ଅତ୍ୟଧିକ ଚୂନ ପ୍ରୟୋଗ ଫଳରେ ମାଂଗାନିଜର ଅଭାବ ଦେଖାଦେଇଥାଏ ।ସେପରି କ୍ଷେତ୍ରରେ ୦.୧% ମାଂଗାନିଜ ସଲଫେଟ ଦ୍ରବଣର ୨ରୁ୩ ଥର ସି*ନ ବିଶେଷ ଭାବେ ସୁଫଳ ହୋଇଥାଏ ।

ଆଇରନ ବା ଲୌହ ମୁଖ୍ୟତଃ ଫୁଲଗଛର ବୃଦ୍ଧି ପାଇଁ ଆବଶ୍ୟକ ହରମୋନର ପ୍ରସ୍ତୁତି,ଖାଦ୍ୟ ପ୍ରସ୍ତୁତି କ୍ରିୟାରେ ସକ୍ରିୟ ଭାବେ ଅଂଶ

ଗ୍ରହଣ କରୁଥିବା ଏକ ସୂକ୍ଷ୍ମ ପୋଷକ ଅଟେ ।ଏହି ପୋଷକର ଅଭାବ ବିଶେଷ ଭାବେ କ୍ଷାରୀୟ ମୃ□କାରେ ହି ଅନୁଭୂତ ହୁଏ ।ଏହି ପୋଷାକର ଅଭାବ ଯୋଗୁଁ ନୂଆ କଅଁଳ ପତ୍ର ସବୁ ହଳଦିଆ ପଡ଼ିଯାଏ ଯଦିଓ ଶିରା ସବୁଜ ଥାଏ ।ଲୌହ ଜନିତ କ୍ଲୋରସିସ ମଲ୍ଲୀ ଫୁଲ ମାନଙ୍କରେ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଥାଏ ।ଏହା ମଧ ମଲ୍ଲୀରେ ନିମାଟୋଡ଼ ସଂକ୍ରମଣକୁ ତ୍ୱରାନ୍ୱିତ କରିଥାଏ ।୨୦ଦିନ ଅନ୍ତରରେ ୫୦୦ଗ୍ରାମ ଫେରସ ସଲଫେଟ ଓ ୧୦୦ ଗ୍ରାମ ୟୁରିଆ ସହିତ ୧୦୦ଲିଟର ଜଳରେ ୧୦୦ମିଲିଲିଟରର ସାବୁନ ଦ୍ରବଣର ପ୍ରୟୋଗ ଦୁଇ ତିନି ଥର କରିବା ପରେ ଏସବୁ ସମସ୍ୟା ଦୁରୀଭୂତ ହୋଇପାରେ ।ସେହିପରି ୦.୮% ଫେରସ ସଲଫେଟର ପ୍ରୟୋଗ ସେବତୀ ଫୁଲରହିବାର ଅବଧିକୁ ତ୍ୱରାନ୍ୱିତ କରିବା ସହ ଫୁଲ ଅମଳକୁ ମଧ ଦୁଇ ଗୁଣିତ କରିଥାଏ ।ଗ୍ଲାଡିଓଲସର ଗଛର ଉଚ୍ଚ୍ତା,ସ୍ପାଇକର ଦୀର୍ଘତା, ସ୍ପାଇକ ସବୁରେ ଫ୍ଲୋରେଟ ମାନଙ୍କର ସଂଖ୍ୟାକୁ ନିର୍ଦ୍ଧାରଣ କରିବାରେ ଆଇରନ ବା ଲୌହର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବିଭିନ୍ନ ପରୀକ୍ଷଣ,ପର୍ଯ୍ୟବେକ୍ଷଣରୁ ଜଣା ଯାଇଛି ।

ଜିଙ୍କ ଅନ୍ୟତମ ସୂକ୍ଷ୍ମ ପୋଷଣ ଯାହା ଉଦ୍ଭିଦ କୋଷରେ ଫସଫରସ ଓ ପୋଟାସିୟମର ପରିମାଣକୁ ନିୟନ୍ତ୍ରିତ କରେ ତଥା ଗଛର ଫୁଲ,ଫଳ ,ପତ୍ର,ମୂଳ ଓ ଶାଖା ସବୁର ଅଭିବୃଦ୍ଧିରେ ସହାୟକ ହୋଇଥାଏ ।ଗଛ ପାଇଁ ଆବଶ୍ୟକ ହରମୋନ ,ପ୍ରୋଟିନ ତିଆରିରେ ତଥା ପରାଗରେଣୁ ପ୍ରସ୍ତୁତିରେ ମଧ ଜିଙ୍କର ଅନେକ ଭୂମିକା ରହିଛି । ହେକ୍ଟର ପିଛା ୨୦କିଲୋଗ୍ରାମ ଜିଙ୍କ ସଲଫେଟର ପ୍ରୟୋଗ ରଜନୀଗନ୍ଧା ଫୁଲ କ୍ଷେତ୍ରରେ ଅଧିକ ଲମ୍ବର ସ୍ପାଇକ, ଗୋଟିଏ ସ୍ପାଇକରେ ଅଧିକ ସଂଖ୍ୟକ ଫୁଲ,ଅଧିକ ନମ୍ବରର ବଲବ ଉପଲବ୍ଧିର ସୁଯୋଗ ସୃଷ୍ଟି କରିଥାଏ ।ସେହିପରି ଜିଙ୍କର ଉପଯୁକ୍ତ ପରିମାଣର ପତ୍ର ସି଼ଂନ ସେବତୀ,ଗୋଲାପ ପରି ଫୁଲ ମାନଙ୍କ କ୍ଷେତ୍ରରେ ଅନେକ ସୁଫଳ ପ୍ରଦାନ କରିବା ସହ ଉତ୍କୃଷ୍ଟ ମାନର ଫୁଲ ପାଇବାର ସୁଯୋଗ ସୃଷ୍ଟି କରିଥାଏ । ଅଧିକାଂଶ ମୃ□କାରେ କ୍ଲୋରିନ ବହୁଳ ପରିମାଣରେ ଗଚ୍ଛିତ ହୋଇ ରହିଥାଏ । ତେବେ ବାଲିଆ ମାଟିରେ କିଛି ମାତ୍ରାରେ ଏହାର ଅଭାବ ପରିଲକ୍ଷିତ ହୋଇଥାଏ । କ୍ଲୋରିନ ମୂଖ୍ୟତଃ ଉଭିଦର ଅତିରିକ୍ତ ଜଳ ଉତ୍ସେଦନ କ୍ରିୟାରେ ଏକ ବିଶେଷ ଭୂମିକା ନିର୍ବାହ କରିଥାଏ ।

ସୂକ୍ଷ୍ମ ପୋଷକ ତମ୍ବା ବା କପର ଗଛର ଖାଦ୍ୟ ପ୍ରସ୍ତୁତି,ଶ୍ୱସନ,କୋଷ ଗଠନ ପରି ଗୁରୁତ୍ୱପୂର୍ଣ୍ଣ କ୍ରିୟା ସବୁରେ ଅଂଶ ଗ୍ରହଣ କରିଥାଏ ।ସେବତୀ ଗଛର ଔଷଧୀୟ ଗୁଣବ□କୁ ବଜାୟ ରଖିବା ପାଇଁ ମଧ ଏହି ଲଘୁ ପୋଷକର ଅନେକ ଭୂମିକା ରହିଛି ।ଏହାର ପ୍ରୟୋଗ ଗଛର ଅଭିବୃଦ୍ଧି ସହ ଉତ୍କୃଷ୍ଟ ମାନର ଫୁଲ ଉପଲବ୍ଧିରେ ବେଶ ଜରୁରୀ ମନେହୁଏ । ମୋଲିବଡେନମ ସୂକ୍ଷ୍ମ ପୋଷକ ଅଭାବ ଯଦିଓ ଫଳ ଓ ପନିପରିବା ଉପରେ ବିଶେଷ ପ୍ରଭାବ ପକାଇଥାଏ କିନ୍ତୁ ଫୁଲ କ୍ଷେତ୍ରରେ ଏହାର ଅଭାବ ବିଶେଷ ପ୍ରଭାବ ପକାଏ ନାହିଁ ।କୋବାଲଟର ଅଭାବ ସେହିପରି ଲୌହ ଅଭାବକୁ ତ୍ୱରାନ୍ୱିତ କରିଥାଏ ।

ସୁତରାଂ,ଫୁଲଗଛ ପାଇଁ ସ୍ଥୁଳ ପୋଷକ ପରି ସୁକ୍ଷ୍ମ ପୋଷକର ଭୂମିକାକୁ ଅସ୍ୱୀକାର କରିବା ନିର୍ବୋଧତାର ପରିଚ୍ୟ ।ମାଟି ପରୀକ୍ଷଣ ବେଳେ କେଉଁ କେଉଁ ସୂକ୍ଷ୍ମ ବା ଲଘୁ ପୋଷକର ଅଭାବ ରହିଛି ଫୁଲଗଛର ଅଭିବୃଦ୍ଧି ପାଇଁ ସେ ପୋଷକର ଆବଶ୍ୟକତା କେତେ ସେସବୁ ବୁଝି ଉପଯୁକ୍ତ ପରିମାଣରେ ସଠିକ ପ୍ରଣାଳୀରେ ଓ ଠିକ ସମୟରେ ପ୍ରୟୋଗ କରିପାରିଲେ ହିଁ ସେସବୁର ଅଭାବ ଜନିତ ରୋଗ ଓ ଅନ୍ୟାନ୍ୟ ସମସ୍ୟାକୁ ଦୂର କରଯାଇପାରିବା ସହ ବଜାରର ଚାହିଦା ଅନୁଯାୟୀ ଉତ୍କୃଷ୍ଟ ମାନର ଫୁଲ ଅଧିକ ପରିମାଣରେ କୃଷକ ଅମଳ କରି ବେଶ ଲାଭବାନ ହୋଇପାରିବ ।

ସୁବ୍ରତ କୁମାର ସେନାପତି,
ପିଏଚ଼ଡି , ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗ,
କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ଓୟୁଏଟି



# ଜନଜାତିଙ୍କୁ ନବଆଲୋକ ଦେଖାଉଛି ନବଜ୍ୟୋତି

ନିୟତିଙ୍କ ସୃଷ୍ଟିରେ ମଣିଷ ଏକ ବିଚିତ୍ର ପ୍ରାଣୀ । ବୁଦ୍ଧିମତାର ମାପକାଠିରେ ଶ୍ରେଷ୍ଠ ବୋଲି ଗଣାଯାଉଥିବା ମଣିଷ ବିଚାର ଓ ବୁଦ୍ଧିର ବହୁତ ଆଗରେ । ତେବେ ଏ ସମାଜ ଏବେ ବି ସେମିତି କିଛି ଲୋକଙ୍କୁ ସାହାଯ୍ୟ ତ ଦୂରର କଥା , ସହାନୁଭୂତି ଦେବା ପାଇଁ ବି ପଛଘୁଂଚା ଦିଏ । ଓଡ଼ିଶାରେ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟର ଲୋକ ବି ବସବାସ କରୁଛନ୍ତି । ତେବେ ଏମାନଙ୍କ କଥାକୁ କିଏ କେବେ ଦୃଷ୍ଟି ଦେବାର କଥା ଖୁବ କ୍ୱଚିତ୍ ଦେଖିବାକୁ ମିଳେ । କିନ୍ତୁ ସେମିତି କିଛି ଛାତ୍ର ଗୋଷ୍ଠୀ ଯେଉଁମାନେ ଏ ଜନଜାତି ସମ୍ପ୍ରଦାୟର ଲୋକଙ୍କ ପାଇଁ ସମର୍ପିତ , ସେମାନେ ହେଉଛନ୍ତି ନବଜ୍ୟୋତି ସଂସ୍ଥାର ସଦସ୍ୟଗଣ । ନବଜ୍ୟୋତି ନବଜାଗରଣର ବାର୍ତ୍ତା ବାଣ୍ଟୁଛି । ଜନଜାତିମାନଙ୍କୁ ଜୀବିକାର ନୂଆ ବାଟ ବି ଦେଖାଉଛି । ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ମୁଖ୍ୟ ମଙ୍ଗ ଧରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଛାତ୍ରାବସ୍ଥାରୁ ଏମିତି ଏକ ମହତ କାର୍ଯ୍ୟ କରି ସମାଜସେବାର କଥାକୁ ଦୋହରାଇଛି ରିତେଶ । ୨୦୦୮ରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ସୁନ୍ଦରଗଡ଼ ଜିଲ୍ଲାରେ ଦୀର୍ଘ ଛଅ ବର୍ଷ ହେବ ଏହି ଜନଜାତି ମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ କାର୍ଯ୍ୟ କରୁଛି । ନିକଟରେ ନବଜ୍ୟୋତି ଦ୍ୱାରା ଆରମ୍ଭ ହୋଇଥିବା ଜନଜାତୀୟ ସମୃଦ୍ଧି ପ୍ରକଳ୍ପ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ରିତେଶଙ୍କ କହିବା ଅନୁସାରେ - 'ଆମେ ବସ୍ତି ମାନଙ୍କରେ ପିଲାମାନଙ୍କୁ କିପରି ପାଠପଢ଼ା କରାଯାଇପାରିବ , ସେ ଦିଗରେ ବି ଅଧିକ ଧ୍ୟାନ ଦେଇଛୁ । ସ୍ୱାସ୍ଥ୍ୟଚେକଅପ୍ ହେଉ ଅବା ଚାଷବାସ କ୍ଷେତ୍ରରେ ଆମେ ସେମାନଙ୍କୁ ସଚେତନ କରାଇଛୁ । ମହିଳାମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ପ୍ରଶିକ୍ଷଣ ବି ଦେଉଛୁ । ବର୍ତ୍ତମାନ ସମୟରେ ଆରମ୍ଭ ହୋଇଥିବା ଏହି ଜନଜାତୀୟ ସମୃଦ୍ଧି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବରେ ଆଦିବାସୀ ମାନଙ୍କର ଜୀବିକାକୁ ନୂତନ ମାର୍ଗ ଦେବା ପାଇଁ ପରିକଳ୍ପିତ । ଆମେ ଆଦିବାସୀ ମାନଙ୍କୁ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଚେଷ୍ଟା କରିଛୁ । ଆମେ ସେମାନଙ୍କୁ କଡ଼କନାଥ କୁକୁଡ଼ା ଯୋଗାଇଦେଇଥିଲୁ । ସେମାନଙ୍କ ଘର ପଛ ବାଡ଼ିରେ କିପରି ପାକଶାଳା ବଗିଚା କରାଯାଇପାରିବ , ସେ ଦିଗରେ ପ୍ରୋତ୍ସାହିତ ମଧ୍ୟ କରିଥିଲୁ । ଉଦ୍ୟାନକୃଷିକୁ ସାଥ କରି କିପରି ସେମାନେ ଭବିଷ୍ୟତରେ ଆଗକୁ ଯାଇପାରିବେ , ସେ ବିଷୟରେ ପ୍ରଶିକ୍ଷଣ ବି ଦେଇଛୁ । ଛତୁ ଚାଷ , ଫୁଲ ଚାଷ ହେଉ ଅବା ଛେଳି ଚାଷ ଏସବୁ ଥିରେ ଆମେ ସେମାନଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିବା ଦିଗରେ ଚେଷ୍ଟା କରିଛୁ । ସେମାନଙ୍କର ବିକାଶ ପାଇଁ ଆମେ କୃଷିକୁ ବିକାଶର ମାଧ୍ୟମ ଭାବେ ଗ୍ରହଣ କରିଛୁ । ଆଦିବାସୀ ପିଲାମାନଙ୍କୁ ରୋଜଗାରକ୍ଷମ କରିବା ତଥା ନିଶା ନିବାରଣକୁ ରୋକିବା ପାଇଁ ବି ଚେଷ୍ଟା କରିଛୁ । ଜନଜାତିଙ୍କର ଆର୍ଥିକ ସମସ୍ୟାକୁ ଦୂରୀକରଣ କରିବା ଦିଗରେ ଆମେ କାର୍ଯ୍ୟ କରୁଛୁ । ବର୍ତ୍ତମାନ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ କଡ଼କନାଥ ପ୍ରଜନନ କେନ୍ଦ୍ର ଓ ଦେଶୀ ଜ୍ଞାନ କୌଶଳରେ ନିର୍ମିତ ୨୦୦୦କ୍ଷମତା ବିଶିଷ୍ଟ ଇନକୁବେଟର ନିର୍ମାଣ କରାଯାଇଛି । ଘର ବାଡ଼ିରେ ବିଭିନ୍ନ ଫୁଲ ଓ ଫଳ ଚାଷ କରିବା ପାଇଁ ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛୁ । ଆଦିବାସୀ ମାନଙ୍କର ପଶୁସମ୍ପଦର ସୁରକ୍ଷା ପାଇଁ ଆମେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରିଛୁ । ସର୍ବୋପରି ଗ୍ରାମ ଜୀବନରେ ସମୃଦ୍ଧି ଓ ଉନ୍ନତି ଆଣିବା ଆମର ପ୍ରଥମ ଲକ୍ଷ୍ୟ ।'

-ଶ୍ୟାମଳ ସୁବର୍ଣ୍ଣ ଫିଚର ବିଭାଗ



# ନଡ଼ିଆରେ ଗଣ୍ଡା ପୋକ ଦମନ

ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ ଗଣ୍ଡା ପୋକ ନଡ଼ିଆ ଗଛର ସବୁଠାରୁ ବେଶୀ କ୍ଷତିକାରକ କୀଟ ଅଟେ ଏବଂ ଏହା ବର୍ଷସାରା ଗଛକୁ କ୍ଷତି ପଂହଚାଇଥାଏ, କିନ୍ତୁ ମୌସୁମୀ ସମୟ (ଜୁନ-ସେପ୍ଟେମ୍ବର ମାସ) ରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ହେଇଥାଏ । ତେଣୁ ଅମଳ କମିଯିବା ଫଳରେ ଚାଷୀମାନେ ବହୁତ କ୍ଷତିଗ୍ରସ୍ତ ହେଇଥାନ୍ତି । ପୂର୍ଣ୍ଣ ବିକଶିତ ପୋକଟି କଅଁଳ ଏବଂ ବନ୍ଦ ଥିବା ବାହୁଙ୍ଗା ରେ କଣାକରି ପଶେ । ତେଣୁ ବାହୁଙ୍ଗା ଟି ଖୋଲିଲା ସମୟ ରେ ତ୍ରିଭୁଜ ବା ତ୍ରିକୋଣୀୟ ଆକାର ରେ କାଟି ହେଇଥାଏ । ବାହୁଙ୍ଗା ରେ ହେଇଥବା କଣାରୁ ତନ୍ତୁ କିମ୍ବା କଣ୍ଡା ଗୁଡିକ ବାହରିକି ଓହଳିଥାଏ ।



## ପରିଚାଳନା

◆ମରିଯାଇଥିବା ଏବଂ ଶୁଖିଯାଇଥିବା ଗଛ ଗୁଡିକୁ କାଟିଦେଲେ କିମ୍ବା ପୋଡିଦେଲେ ସେଥିରେ ଥିବା ଅଣ୍ଡା, ଲାର୍ଭା ମାନେ ମରିଯାନ୍ତି ।

◆ ଗଛମୂଳ ମାଟିଗୁଡିକୁ ଉପର ତଳ କରିକି ଭଲରେ ମିଶେଇ ସେଥିରେ ଲୁଚିଥିବା ପୋକ ମାନଙ୍କୁ ମାରିଦେବା ଉଚିତ ।

◆ଜିଆଇ ତାର ରେ ହୁକ କିମ୍ବା ଆଙ୍କୁଡା ତିଆରି କରି ବାହୁଙ୍ଗା ମଧରେ ଲୁଚିଥିବା ପୋକ ମାନଙ୍କୁ ଟାଣିଆଣି ମାରିଦେବା ଉଚିତ

◆ଗଛଟି ନର୍ସରୀ ରେ ଥିବା ବେଳେ ଚେର ମୂଳ ରେ ପ୍ରତି ୪୫ ଦିନ ରେ ୩ - ୪ ଟି ଲେଖାଏ ଗନ୍ଧକର୍ପୁର ପକେଇ ମାଟି ଦ୍ଵାରା ଘୋଡେଇଦେବା ଉଚିତ । ଫଳରେ ମାଟିରେ ସେମାନେ ଆଉ ବଂଶବିସ୍ତାର କରିପାରିବେନି

◆ ହେକ୍ଟର ପିଛା ୫ଟି ଫେରୋମନ ଯନ୍ତ୍ର ସ୍ଥାପନ କରନ୍ତୁ ।

# ମାଟିର ମଣିଷ

ମାଟିର ମଣିଷ
ମାଟିରୁ ଜନ୍ମ ନେଇ ମାଟିରେ ମିଶିବା ସୌଭାଗ୍ୟ ର କଥା

ଏ ମଣିଷ ମାଟିକୁ କର୍ଷି କର୍ଷି ଆଁ କରେ
ଆଁ ରେ ଚ଼ାରା ଥୋପେ
ଚ଼ାରା ରେ ସାର, ବିଷ,ଖତ ଦିଏ
ତା' ତମାମ ଜୀବନ ବିତାଏ ମାଟି ସହ
ମେରୁ ପାଲଟିବାରେ ।

ଏ ମାଟି ହିଁ ତାର ମା'
ତା' ର ସଂଜୀବନି ଆଉ
ତା' ଜୀବିକା
ତାକୁ ହିଁ ନେଇ ସାରା ଜୀବନ ବଂଚେ
ଅଥଚ଼ ବଂଚିବାର ମୋହକୁ ବୁଣିଦିଏ ମାଟି ସହ
କେତେ ବର୍ଷା,ଖରା,ଶୀତ
ବୋହିଯାଇଛି ଦେହର ସମୁଦ୍ରରେ
ଅଙ୍କିହେଇଛି ଦୁଃଖର ପରିଧି
ହେଲେ କେବେ ଦେଖିନି ,
ମାଟି କାନ୍ଥ ପରି ଭାଙ୍ଗିବାର
ସେ ତ ସବୁବେଳେ ସତେଜ ।।

ତା' ଝାଳ ପରିଶ୍ରମ ର କଥା କହେ
ତା' ରକ୍ତ ସାହାସିକତା ର ପରିଚ଼ୟ
ତା' ହାଡ ଯୌବନ କୁ ଇଙ୍ଗିତ କରେ
ସେ ଆଜନ୍ମ କଳାପାହାଡ ।।
ତା' ମାଟି ପ୍ରେମ କୁ ଦେଖିଲେ ମୀରା ବି କାନ୍ଦିବ ,
ମାଟି ସହ ମାଟି ହେବା ତା' ର ଶେଷ ଲକ୍ଷ୍ୟ ଏଥର
ଶୋଇବାକୁ ଦିଆଯାଉ
ମାଟିର କୋଳରେ
ମିଶିବାକୁ ଦିଆଯାଉ ତା'ର ପ୍ରତିଟି କୋଣରେ
ସେ ମାଟିରୁ ଜାତ ମଣିଷ ଓ
ମଣିଷ ରୁ ମୃତ ମାଟି ॥

ଅଙ୍କିତ ଧଳ
ମିରିଗା,ବାସୁଦେବପୁର,ଭଦ୍ରକ
ମୋ- ୭୦୦୮୧୮୪୩୭୦





'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ ।
ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ
www.shyamalasubarna.com

# ଟମାଟୋ ଚାଷ



ଭାରତ ଏକ ଖାଦ୍ୟ ପ୍ରିୟ ଦେଶ । ଏହା ଏମିତି ଏକ ଦେଶ ଯେଉଁଠି ପର୍ବପରବାଣୀରେ ଲୋକେ ଛ' ତିଅଣ ନ ଭଜା କରି ଖାଆନ୍ତି । ଏଠାରେ କେବଳ ଗୋଟିଏ ସ୍ୱାଦର ନୁହେଁ ବରଂ ପ୍ରତିଦିନ ଖାଦ୍ୟ ରେ ରାଗ,ଲୁଣି, ମିଠା, ଖଟା ର ମଧ୍ୟ ଲୋକେ ମଜା ନିଅନ୍ତ । ଖାଦ୍ୟ କୁ ଖଟା କରିବା ପାଇଁ ଟମାଟୋ, ଲେମ୍ବୁ ,ତେନ୍ତୁଳି ଆଦି ସବୁ ବ୍ୟବହାର କରନ୍ତି । ଖାଦ୍ୟକୁ ଖଟା କରିବାକୁ ହେଉ ଅବା ଖାଦ୍ୟକୁ ସ୍ୱାଦିଷ୍ଟ ବନେଇବା ପାଇଁ ଟମାଟୋର ଭୂମିକା ଅନନ୍ୟ । ବଡ଼ ବଡ଼ ହୋଟେଲ୍ ହେଉ ବା ରାସ୍ତାକଡ଼ରେ ଥିବା ଉଠା ଦୋକାନ ସବୁଠି ଟମାଟୋ ସସ୍‌ର ଅନେକ ଚାହିଦା ରହିଛି ।

## କୃଷି ପ୍ରଣାଳୀ:-

**୧.ପାଣିପାଗ ଓ ଜଳବାୟୁ:-**

- ଟମାଟୋ ଏକ ରବି ଫସଲ ।

- ଏହା ୨୧-୨୪ ସେ[ଗ୍ରେଡ ଜଳବାୟୁ ରେ ବଢ଼େ ।

- ଏହାର ମଂଜି ଅଙ୍କୁରିତ ହେବା ପାଇଁ ୩୦ ସେ ିଗ୍ରେଡ ତାପମାତ୍ରା ଆବଶ୍ୟକ କରେ ।

- ଏହା ଲାଲ ଦେଖାଯିବା ପାଇଁ ଲାଇକୋପିନି ବର୍ଣ୍ଣକନିକା ଉତ୍ପର୍ଣ୍ଣ ହେବା ପାଇଁ ୨୧-୨୪ ସେ ିଗ୍ରେଡ ଆବଶ୍ୟକ ।

## ୨.ଜମି କିସମ:-

- ଜମିର ଜଳଧାରଣକ୍ଷମତା ଓ ଜଳ ନିଷ୍କାସନ କ୍ଷମତା ଭଲ ଥିବା ଦରକାର ।

- ଜମିର ମୃ□କା ବାଲିଆ କିମ୍ୱା କାଦୁଆ କିମ୍ୱା ବାଲିଆ କାଦୁଆ ଯୁକ୍ତ ହେଇଥିବା ଆବଶ୍ୟକ ।

- ଜମିର ପି.ଏଚ୍ ୬.୦-୭.୦ ହୋଇଥିବା ଆବଶ୍ୟକ । ଅର୍ଥାତ୍ ଅଧିକ ଅମ୍ଳୀୟ ନୁହଁ କି କ୍ଷାରୀୟ ନୁହଁ ।

# ୩. ମଞ୍ଜି ହାର:-

ଟମାଟୋ ଚାଷ ସାଧାରଣତଃ ମଂଜି ରୁ ହିଁ ହୋଇ ଥାଏ । ଏଥିପାଇଁ ତଳି ଘରା ରେ ହେକ୍ଟ ପିଛା ପାଖାପାଖି ୪୦୦-୫୦୦ଗ୍ରାମ(ଦେଶୀ ବିହନ) ଓ ୧୦୦-୨୦୦ଗ୍ରାମ(ହାଇବ୍ରିଡ୍ ବିହନ) ଆବଶ୍ୟକ ।

# ୪.ତଳି ଘରା:-

ପ୍ରତି ହେକ୍ଟର ପିଛା ୨୨୫ ବର୍ଗମିଟର ତଳି ଘରା ପ୍ରସ୍ତୁତ କରିବା ଆବଶ୍ୟକ ।ଏହା ପ୍ରସ୍ତୁତି ପାଇଁ ପ୍ରଥମେ ମାଟିରେ କିଛି ଜୈବ ଖତ ମିଶେଇବାକୁ ପଡ଼ିଥାଏ । ଏହା ପରେ ମଂଜିକୁ କବକମାରିର୍‌ରେ(କାପଟାନ୍ ,ଥିରାମ୍) ବୁଡାଇ ରଖିଥିବା ମଂଜି ଗୁଡ଼ିକ ପକେଇ ଦେବା ।ଏହା ପରେ ମୁଖ୍ୟ କ୍ଷେତକୁ ୩୦-୪୦ଦିନ ପରେ ମୁଖ୍ୟ କ୍ଷେତରେ ରୋପଣ କରାଯାଏ ।

# ୫.ମୁଖ୍ୟ କ୍ଷେତ ପ୍ରସ୍ତୁତି:-

ମୃ ିକା କୁ ୪-୫ ଥର ହଳ କରିବା ପରେ ସେଥିରେ ହେକ୍ଟର ପିଛା ୩୫-୪୦ ଟନ୍ ଜୈବିକ ସାର ମିଶାଇବା ପରେ ରାସାୟନିକ ସାର ପ୍ରୟୋଗ କରି ଗଛ ଗୁଡ଼ିକୁ ତଳିଘରାରୁ ପାଣି ପକାଇ ଚେରସହ ଉପାଡ଼ି ମୁଖ୍ୟ କ୍ଷେତରେ ନିର୍ଦ୍ଦିଷ୍ଟ ବ୍ୟବଧାନ ରେ ରୋପଣ କରିବା ଆବଶ୍ୟକ ।

ଗଛ କୁ ଗଛ ବ୍ୟବଧାନ:- ୩୦-୫୦ସେ.ମି

ଧାଡିକୁ ଧାଡ଼ି ବ୍ୟବଧାନ:- ୪୫-୬୦ ସେ.ମି

# ୬.ସାର ପ୍ରୟୋଗ:-

ସାଧାରଣତଃ ଭାରତରେ ୧୦୦-୧୨୦ କିଗ୍ରା /ହେକ୍ଟର ଯବକ୍ଷାରଜାନ ,୬୦-୮୦ କିଗ୍ରା /ହେକ୍ଟର ଫସଫରସ୍ ,୫୦-୬୦କିଗ୍ରା / ହେକ୍ଟର ପଟାସ୍ ଆବଶ୍ୟକ । ଏହା ୨ଟି ପର୍ଯ୍ୟାୟ ରେ ପ୍ରୟୋଗ କରାଯାଏ ।

# ୭. ଜଳସେଚନ:-

ପ୍ରତି ୭-୧୦ଦିନ ଅନ୍ତରରେ ଥରେ ଜଳସେଚନ କରିବା ଆବଶ୍ୟକ ।ଏହା ମୃ□କା ଓ ଜଳବାୟୁ ଉପରେ ନିର୍ଭର କରେ । ଜଳସେଚନ କଲା ବେଳେ ସେଥିରେ ବୃଦ୍ଧି ନିୟନ୍ତ୍ରକ ମିଶାଇ ପ୍ରୟୋଗ କରା କରାଯାଏ ।

# ୮.ରୋଗପୋକ ନିୟନ୍ତ୍ରଣ:-

ପତ୍ରରେ ଚିହ୍ନ ବା କଣା ହେବା,ଫଳ ଓ କାଣ୍ଡରେ ବିଭିନ୍ନ ରୋଗ ଏବଂ ପୋଷକଜନିତ ଅଭାବ ଦେଖା ଦେଇଥାଏ । ରୋଗ ଗୁଡ଼ିକ ବିଭିନ୍ନ କାରକ(ବୀଜାଣୁ,ଭୁତାଣୁ,ଆଦିପ୍ରଣି ଆଦି) ଜନିତ ହୋଇଥାଏ । ଏଗୁଡ଼ିକୁ ଉଚିତ୍ ସମୟରେ ଉଚିତ୍ ରୋଗ ନାଶକ କିମ୍ବା ପୋଷାକ ପ୍ରୟୋଗ କରି ନିୟନ୍ତ୍ରଣ କରି ଅମଳ ବଢ଼ାଇବା ଆବଶ୍ୟକ ।ଗଛର ବିଭିନ୍ନ ଅଙ୍ଗକୁ କ୍ଷତି ପହ*ାଇ ପୋଷକ ଗ୍ରହଣ କରିବା ବିଭିନ୍ନ ରୋଗକୁ ସଂକ୍ରମଣ କରି ଅମଳରେ ବାଧା ଦେବା ପୋକଗୁଡିକର କାମ । ଏଗୁଡ଼ିକୁ ଉଚିତ୍ ସମୟ ରେ କୀଟନାଶକ ପ୍ରୟୋଗ କରି ପ୍ରତିରୋଧ କରି ଅମଳ ବଢ଼ାଇବା ଆବଶ୍ୟକ ।

# ୯.ଅମଳ:-

ଟମାଟୋ ଗଛରୁ ଲଗାଇବା ର ୩-୪ମାସ ପରେ ଫଳ ଗୁଡ଼ିକ ଅମଳ କରାଯାଏ । ବଜାର ଉପଯୋଗିତାକୁ ଦେଖି ଅମଳ କରାଯାଏ । ଏକର ପିଛା ୧୦-୨୦ଟନ୍ ଟମାଟୋ ଅମଳ କରାଯାଏ ।

**ଦେବାଶିଷ ପଣ୍ଡା**
**ଦ୍ୱିତୀୟ ବର୍ଷ କୃଷି ଛାତ୍ର**
**(ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ , ପାରଳାଖେମୁଣ୍ଡି)**

# ହେ ଅନ୍ନଦାତା ...ଘେନ ପ୍ରଣାମ

*ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା । ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା । କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା । ଚାଷ ଜମି ଥିଲା ଚାଷୀର ସବୁକିଛି । ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ । ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା । ସାମାଜିକ ଜନଜୀବନ ସହ କୃଷି ସହ ସମ୍ପର୍କ ଢ଼େର ପୁରୁଣା । ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ । ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା । କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ । ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ ।ସେଇ କୁଶଳୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଡ଼ିସେମ୍ବର ୨୩କୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି ।*



ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ । ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା । କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି । ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ । ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି । ଚାଷୀକୂଳର ବିକାଶ ଦିଗରେ ସରକାରଙ୍କ ଦ୍ୱାରା ଅନେକ ଯୋଜନା ପ୍ରଣୟନ ହୋଇଛି । ହେଲେ ସବୁଠୁ ବଡ଼ କଥା ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିଛି । ତେବେ ୨୦୧୩-୧୪ ବର୍ଷର ଆର୍ଥିକ ବର୍ଷରେ ୭୧୬୨କୋଟି ଟଙ୍କାର ବଜେଟ୍ ଆଗତ ହୋଇଥିବା ବେଳେ ଏବର୍ଷ ଏହା ଠାରୁ ଯଥେଷ୍ଟ ୩ଗୁଣା ଅଧିକ ହୋଇଛି । ବିଗତ ବର୍ଷରେ ସରକାର ଆଣିଥବା କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ । ପରନ୍ତୁ କେତେକ ଅସାଧୁ ଲୋକବି ଏହି ଯୋଜନାର ଫାଇଦା ଉଠାଇଥିବାର ଲକ୍ଷ୍ୟ କରାଯାଇଥିଲା,ଯାହା ଅତି ଦୁଃଖର ବିଷୟ । ଏହା ଛଡ଼ା ସୌର ଜଳନିଧି ଯୋଜନା ଯାହା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ କରାଯାଇଥିଲା , ତାହା ବି ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି । ଆଜି ବି ଅନେକ ସ୍ଥାନରେ ଏହାର ସଫଳ ରୂପାୟନ ହୋଇପାରିନାହିଁ । ଚଳିତ ବର୍ଷର ଏହି ବଜେଟ କୃଷିର ଭିିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜଳସେଚନ ବ୍ୟବସ୍ଥାର ଉନ୍ନତି ଦିଗରେ କାର୍ଯ୍ୟକରିବ ବୋଲି ଯୋଜନା ରହିଥିବାର ଉପସ୍ଥାପନ କରାଯାଇଛି ।

ଏଇ କିଛି ବର୍ଷ ପୂର୍ବେ ଯେବେ ନିର୍ବାଚନର ମାହୋଲ ଥିଲା ବେଳେ ଶାସକ ଠୁ ଆରମ୍ଭ କରି ବିରୋଧୀ ସଭିଏଁ ଚାଷୀର ଉନ୍ନତି ପାଇଁ ବେଶ୍ ଚିନ୍ତାରେ ପଡ଼ିଯାଇଥିଲେ । ହେଲେ କେବଳ ଭାଷଣବାଜିରେ କଥା ନକହି ଯଦି କାଦୁଅ ବିଲ ଭିତରେ ପଶି ଚାଷର ଗୁରୁତ୍ୱ ଓ ଚାଷୀର ମନକଥା ବୁଝି ପାରନ୍ତେ ବୋଧହୁଏ ଆଜି ଏ ଚାଷୀ ଆନ୍ଦୋଳନ ଦେଖାଯାଇନଥାନ୍ତା । ରାଜଧାନୀର ରାଜରାସ୍ତାରେ ଆଜି ଚାଷୀ ଶୋଇନଥାନ୍ତେ । କେବଳ ଯୋଜନା କରିଦେଇ ବସିଗଲେ ହବନି ପରନ୍ତୁ ଏହାର କାର୍ଯ୍ୟକ୍ଷମତା ଉପରେ ନଜର ସବୁ ସମୟରେ କେବଳ ଓଡ଼ିଶା ନୁହେଁ,ଭାରତରେ ମଧ୍ୟ ବିଭିନ୍ନ ରାଜ୍ୟମାନଙ୍କରେ ଚାଷୀ ମାନେ ନିଜ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି । ନାସିକ୍ ଠାରେ ଏକ ବିରାଟ ପଦଯାତ୍ରା ଏହାର ଉଦାହରଣ କିନ୍ତୁ ପରିତାପର ବିଷୟଏହିକି ଯେ ସରକାର ଏହାକୁ ଦୃଷ୍ଟିଦେଉନାହାନ୍ତି ନା ଏଥିପ୍ରତି ଅବହେଳା କରୁଛନ୍ତି । ସତରେ ବୁଝି ହୁଏନା ଏହା ଅବହେଳା ନା ଜାଣିଶୁଣି ନ କରିବାର ଏକ ବାହାନା । ଓଡ଼ିଶାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ ।

କ୍ଷେତରେ ଖଟିଲେ ଚାଷୀଟିଏ ପରିବାର ପୋଷେ । କିନ୍ତୁ ଯଦି ସେଇ ଚାଷୀକୁ ଅଣଦେଖା କରାଯାଏ,ଏହା କଣ ଅନ୍ୟାୟ ନୁହେଁ ? ଥରେ ନିଜ ଅନ୍ତରାତ୍ମାକୁ ପଚାରିଲେ– ଚାଷୀଟିଏ କଣ କେବେ ବଡ଼ବଡ଼ ଘର,ଗାଡ଼ି ଏସବୁ ସରକାରଙ୍କ ପାଖେ ମାଗିଥାଏ ନା କେବେ ନୁହେଁ ବରଂ ନିଜ ସାଭିମାନ ପାଇଁ ସରକାରଙ୍କ ପାଖେ ଅଭିମାନ କରେ ।ହେଲେ ଆଜି ଏସବୁ ନିଷ୍ଫଳ । ସେସବୁ ଅଭିମାନକୁ ଶୁଣିବା ଦୂରକଥା ବରଂ ଥରେ ହେଲେ ବି ଏହାର ସଫଳ ରୂପାୟନ କଥା ଚିନ୍ତା ହୋଇନି । ଯେଉଁ ଚାଷୀକୁଳ ଭିଜାମାଟିରେ କର୍ଷଣ କରି ଶ୍ୟାମଳ ଜମିରେ ସୁବର୍ଣ୍ଣ ପରିପାଟୀର ଦୃଷ୍ଟି ଆକର୍ଷଣ କରେ,ଆଜି ସେମାନଙ୍କ ଦାବି ଶୁଣିବାକୁ କେହି ବି ପ୍ରସ୍ତୁତ ନୁହେଁ ।

ବ ମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଆନୀତ କୃଷି ବିଲ୍କୁ ନେଇ ଭାରତର ରାଜଧାନୀ ଦିଲ୍ଲୀରେ କୃଷକ ଆନ୍ଦୋଳନ ଦେଖାଦେଇଛି । ପ୍ରାୟ ମାସେରୁ ଅଧିକ ଦିନ ହେବ ଦିଲ୍ଲୀ ଠାରେ ଅନଶନରେ ବସିଛନ୍ତି ଚାଷୀମାନେ । ସରକାରଙ୍କ ସହ ଚାରି ଚାରି ଥର କଥାବା । ପରେ ବି କୌଣସି ନିଷ୍କର୍ଷ ବାହାରିପାରୁନାହିଁ । ଏପଟେ ଶୀତର ପ୍ରକୋପ ଆଉ ସେପଟେ ଚାଷୀ ଆନ୍ଦୋଳନ । ଓଡ଼ିଶାରେ ବିଗତ ବର୍ଷରେ ଚାଷୀ ମାନେ ନିଜର ହକ ପାଇଁ ଆନ୍ଦୋଳନ କରୁଥିଲେ । ତାହା ଥିଲା ପେନସନ,ପ୍ରେଷ୍ଟିଜ୍,ପ୍ରାଇସ୍ । ଅତି କମରେ ଚାଷୀମାନଙ୍କୁ ପେନଶନ୍ ମିଳୁ । ହେଲେ ସରକାର ଶୁଣିବେ ବା କାହିଁକି,ବରଂ ଆରମ୍ଭ ହୋଇଗଲା ୧୪୪ ଧାରା,ଲୁହାଗ୍ୟାସ୍ ପ୍ରୟୋଗ,ଲାଠିମାଡ଼ ଆହୁରି ଅନେକ କିଛି । ଚାଷୀଙ୍କ ଆନ୍ଦେଳନ ସେମିତି ରହିଗଲା । ଅନେକ ଥର ରାସ୍ତାରୋକ ହେଲା , ଅନଶନ ହେଲା କିନ୍ତୁ ସବୁକିଛି ଫଳଶୂନ୍ୟ ।

ସତରେ କଣ ଚାଷୀ ମାନଙ୍କର ନିଜର ସ୍ୱାଭିମାନ ନାହିଁ ? ସେମାନେ କଣ ନିଜ ମତ ପ୍ରକାଶ କରି ପାରିବେ ନାହିଁ ? ଗୋଟିଏ ପଟେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଆଉ ଅନ୍ୟପଟେଚାଷୀ ମାନଙ୍କୁ ଏମିତି ଅନ୍ୟାୟ । ଏତେବେଳକୁ ଏସବୁ ସମ୍ବାଦ କଣ ପାଇଁ ଶୀର୍ଷକ ଖବର ହଉନି ? କଣ ପାଇଁ ଏସବୁ ଘଟୁଛି ? ଚାଷୀମାନଙ୍କ ଉପରେ ଏହି ଅବହେଳା ସରକାରଙ୍କ ଉପରେ ପ୍ରଭାବ ପଡ଼ିବ କି ?

ତେବେ ପ୍ରତିବର୍ଷ ପରି ଏଇ କୃଷକ ଦିବସ୍ କେବଳ ପାଳନ କରି ସମାଧିସ୍ଥ ହୋଇଗଲେ ଚଳିବ ନାହିଁ । ଚାଷୀମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ପୂରଣ୍ କରିବା ପାଇଁ ସଭିଏଁ ଅ । ଭିଡ଼ିବା ଦରକାର । କାରଣ ଚାଷୀ ହିଁ ଦେଶ ପ୍ରଗତିର ମୂଳାଧାର । ସୁତାରଂ ଚାଷୀ ହସିଲେ ହିଁ ଦେଶ ହସିବ ।

**– ଡ଼ି ଶୁଭମ୍ , ସମ୍ପାଦକ –ଶ୍ୟାମଳ ସୁବର୍ଣ୍ଣ**



# ଆତ୍ମନିର୍ଭର କୃଷିର ପ୍ରଥମ ସୋପାନ- କୃଷକ ଉତ୍ପାଦକ ସଂଗଠନ

ଚାଷୀ ଜଣେ ଦରଦୀ ମଣିଷ , ହେଲେ ଏକ ମହାନ ବ୍ୟକ୍ତିତ୍ୱର ଉଦାହରଣ । ସେଇ ଚାଷୀ ପାଇଁ ଆଜି ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଛି । ତେବେ ସମୟାଂଶରେ ଚାଷୀ ମାନଙ୍କ ଭିତରେ ଦେଖାଦେଉଛି ସଚେତନତାର ଅଭାବ । ଉପଯୁକ୍ତ ତାଲିମ ଓ ପ୍ରଶିକ୍ଷଣ ଅଭାବରେ ସେମାନେ ନିଶ୍ଚୟ ସଫଳତାରୁ ବଂଚିତ ହେଉଛନ୍ତି ।ଏହି କ୍ରମରେ ଚାଷୀମାନଙ୍କ ମଧ୍ୟରେ ସଚେତନତାର ମନ୍ତ୍ର ଫୁଙ୍କିବା ପାଇଁ କୃଷକ ଉତ୍ପାଦକ ସଂଗଠନ ମାନଙ୍କ ଭୂମିକା ପ୍ରଶଂସନୀୟ । ଚାଷୀମାନଙ୍କୁ ତୃଣମୂଳ ସ୍ତରରୁ ସଫଳତାର ପ୍ରତିଟି ସୋପାନ ଯାଏଁ ଏହି ସଂଗଠନ ମୁଖ୍ୟ ଭୂମିକା ନେଇଥାଏ । ଚାଷୀଙ୍କୁ ସ୍ୱାବଲମ୍ବୀ କରାଏ ଆଉ ଆତ୍ମନିର୍ଭର କୃଷିର ବାଟ ଦେଖାଏ । ଏହି ପରିପ୍ରେକ୍ଷୀରେ ସେମିତି ଜଣେ କୃଷକ ଉତ୍ପାଦକ ସଂଗଠନର ପଥପ୍ରଦର୍ଶକ ,ଯିଏ ଓଡ଼ିଶାର କୋଣ ଅନୁକୋଣରେ କୃଷକ ସଶକ୍ତିକରଣର ବାର୍ତ୍ତା ବାଣ୍ଟୁଛନ୍ତି , କୃଷି ସାମାଜିକ ଆନ୍ଦୋଳନର(ଆଗ୍ରୋ ସୋସିଆଲ୍ ମୋମେଣ୍ଟ) ପୁରୋଧା ସାଜିଛନ୍ତି , ଚାଷ ଓ ଚାଷୀର ମହତ୍ତ୍ୱକୁ ବେଶ ପାଖରୁ ବୁଝିଛନ୍ତି – ଶ୍ରୀ ଅବିନାଶ ଦାଶ

(ମୋ -୯୩୪୮୦୭୫୯୯୭,କଟକ)

***ପ୍ର: ଆପଣଙ୍କ ମତରେ କୃଷକ ଉତ୍ପାଦକ ସଙ୍ଗଠନ କଣ ?***

ଉ: ମୋ ମତରେ କୃଷକ ଉତ୍ପାଦକ ସଂଗଠନ ହେଉଛି ଚାଷୀ ଓ ଅଣଚାଷୀମାନଙ୍କର ଏକ ମିଳିତ ସଂଗଠନ ଯାହାକି ଉତ୍ପାଦକ କମ୍ପାନୀ ନିୟମ-୨୦୦୩ର ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରେ । ଏଥିରେ ଯେକୌଣସି ପ୍ରାଥମିକ ଉତ୍ପାଦକ ସମୂହ ମିଳିତ ଭାବରେ ଏକ ସଂଗଠନ ଗଠନ କରି ସମସ୍ତ କାର୍ଯ୍ୟକ୍ରମ(ଉତ୍ପାଦନ,ନିବେଶ,ବ୍ୟାପାର) ଆଦି ବୃହତ ଆକାରରେ କରିବାର ସୁଯୋଗ ପାଇପାରିବେ ।

***ପ୍ର: କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଚାଷୀ କିପରି ଲାଭବାନ ହୋଇପାରିବେ ?***

ଉ: ପ୍ରଥମତଃ ଅତିକମ୍‌ରେ ଦଶ ଜଣ କୃଷି ଉତ୍ପାଦକଙ୍କୁ ନେଇ ଏଇ ସଂଗଠନ ଗଠନ କରାଯାଇପାରିବ । ଏହା ସାଧାରଣତଃ ଘରୋଇ ସଂସ୍ଥାର ମିଳିତ କାର୍ଯ୍ୟଶୈଳୀରେ କାମ କରେ । ଯାହା ଦ୍ୱାରା ଘରୋଇ ସଂସ୍ଥା ଭାବରେ ଚାଷୀମାନଙ୍କ ଉତ୍ପାଦନ,ନିବେଶ କ୍ଷମତା ବଢ଼ାଇଥାଏ ଓ ବ୍ୟାପାରରେ ଅଧିକ ଲାଭାଂଶ ଯୋଗାଇଥାଏ । ସଂଗଠିତ କାର୍ଯ୍ୟ ଦ୍ୱାରା ସେମାନେ ଅଧିକ ଉତ୍ପାଦନ ଓ ନିବେଶର ସୁଯୋଗ ପାଇଥାନ୍ତି । ଏହା ସହ ଚାଷୀଟିଏ ସବୁପ୍ରକାର ସରକାରୀ ସହଯୋଗ ଓ ପ୍ରୋତ୍ସାହନକୁ ପ୍ରାପ୍ତ କରିପାରିବେ ।

***ପ୍ର: କୃଷକ ଉତ୍ପାଦକ ସଂଗଠନରେ ସରକାରୀ ସାହାଯ୍ୟ ସୁବିଧା କଣ ରହିଛି ?***

ଉ: କୃଷକ ଉତ୍ପାଦକ ସଂଗଠନ ଗଠନ ଠାରୁ ଆରମ୍ଭ କରି ତାଲିମ ଓ ତିନି ବର୍ଷର କାର୍ଯ୍ୟକ୍ରମକୁ ସରକାରୀ ସଂସ୍ଥା (ସ୍ମଲ ଫାର୍ମର ଏଗ୍ରି ବିଜନେସ କର୍ନସୋର୍ଟିୟମ୍ ) ଏବଂ ନାବାର୍ଡ଼ର୍ ପକ୍ଷରୁ ଅନେକ ସାହାଯ୍ୟ ସୁବିଧା ଯୋଗାଇ ଦିଆଯାଇଥାଏ । ଏହା ଗଠନ ପାଇଁ ପ୍ରତି ସଦସ୍ୟ କୃଷକଙ୍କୁ ୧୦୦୦-୨୦୦୦ ଟଙ୍କା ନିବେଶରେ ସରକାର ସମାନ ପରିମାଣର ସହାୟତା ରାଶି (ସର୍ବାଧିକ ୧୫ଲକ୍ଷ ଟଙ୍କା ) ପର୍ଯ୍ୟନ୍ତ ଯୋଗାଇଥାନ୍ତି, ଯାହାକି ପୁନଃ ଫେରାଇବା ଆବଶ୍ୟକ ହୋଇନଥାଏ । ଏହା ବ୍ୟତୀତ କୃଷକ ଉତ୍ପାଦକ ସଂଗଠନର ସଠିକ କାର୍ଯ୍ୟକାରିତା ପାଇଁ ମନୋନୀତ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନାବାର୍ଡ଼ର୍ ପକ୍ଷରୁ ପ୍ରଥମ ତିନି ବର୍ଷ ପର୍ଯ୍ୟନ୍ତ ମାସିକ ବେତନ ମଧ୍ୟ ଦିଆଯାଇଥାଏ ।

***ପ୍ର: ଓଡ଼ିଶାରେ କୃଷି ଉତ୍ପାଦକ ସଂଗଠନର ସ୍ଥିତି ଓ ସୁଯୋଗ କିପରି ରହିଛି ?***

ଉ: ଦେଶରେ ୭୦୦୦ରୁ ଉର୍ଦ୍ଧ୍ୱ କୃଷି ଉତ୍ପାଦକ ସଂଗଠନ ମଧ୍ୟରୁ ୩୫୦ରୁ ଅଧିକ ଓଡ଼ିଶାରେ ପଂଜିକୃତ ହୋଇଛି । କିନ୍ତୁ ଚାଷୀଙ୍କ ମଧ୍ୟରେ ସହଯୋଗ ଓ ସଚେତନତାର ଅଭାବ ହେତୁ ସମସ୍ତ ସଂଗଠନ ଏହାର ଲାଭ ନେଇ ପାରୁ ନାହାନ୍ତି । ୨୦୧୮-୧୯ରେ ଭାରତ ସରକାରଙ୍କ ଦ୍ୱାରା ପରିବ©ତ ନିୟମ ଅନୁସାରେ ସଂଗଠନ ହେବାର ପାଂଚ୍ ବର୍ଷ ଯାଏଁ ଏହା ଉପରେ କୌଣସି ଟିକସ ନଲାଗିବାକୁ ସ୍ଥିରୀକୃତ ହୋଇଛି । ୨୦୨୦ର ଅର୍ଡିନାନ୍ସରେ ଏକ ଦେଶ , ଏକ ବଜାରର ପରିକଳ୍ପନା ଏହାର ଗଠନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ ବୋଲି ମୋର ଆଶା

***ପ୍ର: କୃଷି ଉତ୍ପାଦକ ସଂଗଠନର ସଫଳତା ପାଇଁ ଆବଶ୍ୟକୀୟ ପଦକ୍ଷେପ କ'ଣ ?***

ଉ: ପ୍ରଥମରେ ଏଥି ନିମି© ଏକ ଉପଯୁକ୍ତ ପରିବେଶର ଆବଶ୍ୟକତା ରହିଛି ଯେଉଁଠାରେ ସଚେତନତାର ମନ୍ତ୍ର ବା[ ହେଉଥିବ । କୃଷକ ମାନଙ୍କ ଭିତରେ ଯଦି ସଚେତନତା ଆଣିହେଲା , ତାହେଲେ ସେମାନଙ୍କର ମନୋବଳ ବୃଦ୍ଧି ପାଇବ । କୃଷି ଉତ୍ପାଦକ ସଂଗଠନ ମାନଙ୍କର କ୍ଷମତା ବୃଦ୍ଧି ପାଇଁ ଆନୁଷ୍ଠାନିକ ତାଲିମ କେନ୍ଦ୍ର , ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସହାୟତା କେନ୍ଦ୍ରର ପ୍ରତିଷ୍ଠା କରାଇବା ଜରୁରୀ । ବ©ମାନର ଷ୍ଟାର୍ଟଅପ୍ ସହ ଯଦି ସଂଗଠନକୁ ଯୋଡ଼ି ହେବ, ତାହେଲେ ଏହାର କାର୍ଯ୍ୟଶୈଳୀ ମଧ୍ୟ ବୃଦ୍ଧି ହୋଇପାରିବ ।

***ପ୍ର: ଶ୍ୟାମଳ ସୁବର୍ଣ୍ଣ ବିଷୟରେ କ'ଣ ମତାମତ ରଖିବେ ?***

ଉ: ନିଶ୍ଚୟ ଭାବରେ କୃଷି ଛାତ୍ରମାନଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ମୁଁ ସ୍ୱାଗତ କରୁଛି । ତେବେ ମୋ ମତରେ ପତ୍ରିକାକୁ କୃଷକ ଉତ୍ପାଦକ ସଂଗଠନ ସହ ଯୋଡ଼ିବା ଆବଶ୍ୟକ । ଯାହା ଫଳରେ ଓଡ଼ିଶାର ଚାଷୀକୁଳ ପାଖରେ ପତ୍ରିକା ପହଁଚ଼ାଇବା ସୁବିଧାଜନକ ହୋଇପାରିବ । ପତ୍ରିକାର ପ୍ରତି ସଂଖ୍ୟାକୁ ଯଦି ସଂଗଠନ ପାଖରେ ଉପଲବ୍ଧ



# ମହୁଚାଷ - ଏକ ଲାଭଦାୟକ ଉଦ୍ୟୋଗ



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଜଣାଶୁଣା । କେବଳ ଶସ୍ୟ କି ତୈଳବୀଜ ଫସଲ ନୁହେଁ ବରଂ ଏହା ବ୍ୟତୀତ ଅନେକ କିଛି ଚାଷ ଏବର ସମୟରେ ଲୋକମାନଙ୍କୁ ଲାଭବାନ କରେଇପାରିଛି ।ବ□ମାନ ସମୟରେ ମହୁମାଛି ପାଳନକୁ ଆଧାର କରି ଅନେକ ଅର୍ଥ ଉପାର୍ଜନ କରିପାରୁଛନ୍ତି । ଏହି ଉପକ୍ରମରେ ମହୁମାଛି ପାଳନକୁ ଚାଷୀ ମାନେ ଖୁବ ଅଗ୍ରାଧିକାର ଦେଉଛନ୍ତି । ମହୁ ଉତ୍ପାଦନ ଏକ ଲାଭଦାୟକ ଉଦ୍‌ଯୋଗ । ଏହା ଚାଷୀ , ମହିଳା ଓ ଗ୍ରାମାଂଚଳ ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରେ । ମହୁମାଛି ପାଳନ ଅତ୍ୟନ୍ତ ଅର୍ଥନୀତିକ ଲାଭଦାୟକ ଉଦ୍ୟୋଗ କାରଣ ଏହା ଚାଷୀର ଆୟ ବୃଦ୍ଧି କରିବା ସହ ଅନେକଙ୍କୁ କର୍ମସଂସ୍ଥାନ ମଧ୍ୟ ଯୋଗାଇଥାଏ । ଚାଷୀର ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ନିଭାଇଥାଏ । ମହୁମାଛି ପାଳନ ବ୍ୟବସାୟ ଦେଶରେ ୨୫ଲକ୍ଷରୁ ଅଧିକ ଚାଷୀଙ୍କୁ ନିଯୁକ୍ତି ଦେଇଥାଏ । ଜଣେ କୃଷକ ମାତ୍ର ୨୦,୦୦୦ଟଙ୍କା ସହିତ ମହୁମାଛି ଚାଷ ଆରମ୍ଭ କରିପାରିବ । ଏକ ଭାରତୀୟ ମହୁମାଛି ବାକ୍ସ ପ୍ରାୟ ୨୦୦୦ଟଙ୍କା ଥିବା ବେଳେ ଏକ ଇଟାଲୀୟ ମହୁମାଛି ବାକ୍ସ କିଣିବାରେ ପ୍ରାୟ ୩୫୦୦ଟଙ୍କା ଖର୍ଚ୍ଚ ହୋଇଥାଏ । ଉଦ୍ୟୋଗର ଫଳାଫଳ ଏପର୍ଯ୍ୟନ୍ତ ସକାରତ୍ମକ ଅଟେ । ଅନେକ ଚାଷୀମାନେ ମହୁମାଛି ପାଳନକୁ ଏକ ସଫଳ ଉଦ୍ୟୋଗ ଭାବେ ଗ୍ରହଣ କରିଛନ୍ତି । ସେମାନେ ୮୦ପ୍ରତିଶତ ଅମଳ ବୃଦ୍ଧି ପାଇବା ସହ ପ୍ରାୟ ୪୦ପ୍ରତିଶତରୁ ଅଧିକ ଆୟ କରିଛନ୍ତି । ମହୁମାଛି ରକ୍ଷାଣବେକ୍ଷଣ ଅପେକ୍ଷା ଏହି ଚାଷ ଅତ୍ୟନ୍ତ ଲାଭଦାୟକ ଅଟେ । ପଂଜାବର ବାଦଲ ଗ୍ରାମର ପ୍ରଦୀପ କୁମାର ଜଣେ କ୍ଷୁଦ୍ର ଚାଷୀ ଥିଲେ । ସେ କେବଳ ୩୦୦୦୦ଟଙ୍କା ଓ ଆଠଟି ମହୁବାକ୍ସ ସହିତ ନିଜର ଯାତ୍ରା ଆରମ୍ଭ କରିଥିଲେ ଏବଂ ଆଜି ସେ ଜଣେ ପ୍ରଗତିଶୀଳ କୃଷକ ଏବଂ ସଫଳ ଉଦ୍ୟୋଗୀ ଭାବେ ପରିଗଣିତ ହୋଇଛନ୍ତି । ଯିଏ କି ପ୍ରତିବର୍ଷ ୪୦୦-୫୦୦ ମହୁବାକ୍ସ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏହା ହେଉଛି ତାଙ୍କର ଏବଂ ତାଙ୍କ ପରି ଅନେକ ସଫଳ ମହୁଚାଷୀଙ୍କର ଅବିଶ୍ୱସନୀୟ ସଫଳତାର କାହାଣୀ । ଅନ୍ୟାନ୍ୟ ଫସଲ ଅଭିବୃଦ୍ଧି ପ୍ରକ୍ରିୟା ଚାଲୁଥିବା ସମୟରେ ମହୁମାଛି ପାଳନ ଚାଷୀଙ୍କ ପାଇଁ ଆୟର ଏକ ପ୍ରମୁଖ ଉତ୍ସ ଅଟେ । ଏହା ମହିଳା ଚାଷୀଙ୍କୁ ମଧ୍ୟ ନିଯୋଜିତ କରାଇଥାଏ । ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଖୋରାକ ଯୋଗାଏ । ମହୁଚାଷ ସର୍ବୋପରି ଏକ ଲାଭଜନକ ଉଦ୍ୟୋଗ । ମେ ମାସ ୨୦ ତାରିଖକୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରାଯାଉଛି । ମହୁମାଛି ପାଳନର ଅର୍ଥକୁ ବୁଝିବା ସହ ଏହାର ପ୍ରସାର ଦିଗରେ ଆମକୁ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ହେବ ।

**ସୌମ୍ୟା ସ୍ମିତପ୍ରଜ୍ଞା ,**
**ପିଏଚ୍‌ଡ଼ି ଛାତ୍ରୀ , କୀଟତ□ ବିଭାଗ , ଓୟୁଏଟି**





# ଆଗ୍ରୋବୋଟ - କୃଷି କ୍ଷେତ୍ରରେ ନୂଆ ସମ୍ଭାବନା



**କୃଷି** - ଦେଶର ଉନ୍ନତିର ମାର୍ଗଦର୍ଶକ,କାରଣ ଏହି କୃଷି ପ୍ରଧାନ ଦେଶ ଭାରତରେ କୃଷି ଏକ ବୃ□ ନୁହେଁ ;ବରଂ ଅର୍ଥନୀତିର ମାନଦଣ୍ଡ ମଧ୍ୟ । କିନ୍ତୁ କୃଷିକ୍ଷେତ୍ରର ସୁନେଲି ଫସଲର ସମ୍ଭାର ମଧ୍ୟରେ ଆମେ ପାସୋରି ଦେଉଛେ କୃଷକ ମାନଙ୍କର ପୀଡା ଜର୍ଜରିତ ଆ□ ଚିତ୍କାର ; ପାସୋରି ଦେଉଛେ ଗ୍ରୀଷ୍ମ ,ବର୍ଷା ତଥା ଶୀତର ସେହି ଅସହ୍ୟ ପ୍ରହାର ରେ ବି କ୍ଷେତରେ କାର୍ଯ୍ୟରତ ସେହି ଚାଷୀ ଭାଇର ଶାରୀରିକ କଷ୍ଟର ମୁହୂ□ କୁ । ଏହି କଷ୍ଟର ଉପଶମର ରାସ୍ତା ହେଉଛି ଏକ ସୁବ୍ୟବସ୍ଥିତ ନୂତନତା ତଥା ନବୀନ କୌଶଳର ଉପଯୁକ୍ତ ଅନୁଶୀଳନ । ଆଦିମ କାଳରେ ଯନ୍ତ୍ରର ଆବିଷ୍କାର ହିଁ ମନୁଷ୍ୟକୁ ସାହିତ୍ୟ ,ସଂଗୀତ, ଚିତ୍ରକଳା ତଥା ଭାସ୍କର୍ଯ୍ୟ ଦିଗ ରେ ଅଗ୍ରଗାମୀ କରାଇପାରିଥିଲା । ଉନବିଂଶ ଶତାବ୍ଦୀ ଇଉରୋପର ଶିଳ୍ପ ବିପ୍ଳବ ପରେ ମନୁଷ୍ୟ ଜୀବନ ଅତ୍ୟନ୍ତ ସାବଲୀଳ ହେବା ଦ୍ୱାରା ସେଠାରେ ନବଜାଗରଣ ଦେଖାଦେଇଥିଲା । ଆଜି ମଧ୍ୟ ଭାରତରେ ପ୍ରଚଳିତ ମଧ୍ୟଯୁଗୀୟ କୃଷି ଆମକୁ ବିଶ୍ୱ ଦରବାରରେ ଅନେକ ପଛରେ ପକାଇଦେଇଛି । କିଏ କହିପାରେ,ହୁଏ ତ କୃଷିରେ ବୈଜ୍ଞାନିକ ପଦ୍ଧତିର ଅବଲମ୍ବନ ସେହି ସୀମା ଲଙ୍ଘିପାରିବ ତଥା କୃଷିକ୍ଷେତ୍ର ରେ ଏକ ବୈପ୍ଳବିକ ପରିବ□ନ ର ରୂପରେଖ ସାଜିବ । ଏବର ବୈଜ୍ଞାନିକ କୌଶଳର ସଫଳ ଅନୁଶୀଳନ ହେଉଛି କୃତ୍ରିମ ମାନବ ଅର୍ଥାତ ରୋବଟ । ଏହି ରୋବଟର ରୂପ ମାନବ ପରି ହୋଇ ନ ପାରେ ମାତ୍ର ଏହାର କାର୍ଯ୍ୟ ଦକ୍ଷତା ମାନବ ଠାରୁ ଅନେକ ଅଧିକ । ଏବେ ପ୍ରଶ୍ନ ଉଠେ କୃଷିକ୍ଷେତ୍ର ରେ ଏହି ଶିଳ୍ପ ଭି□କ ନବୀନତା ର ଆବଶ୍ୟକତା କେତେ । ଏ ପରିପ୍ରେକ୍ଷୀ ରେ କେବଳ ଗୋଟିଏ ଉ□ର ଅନେକ- ମନୁଷ୍ୟ ଜୀବନ ଠାରୁ ମୂଲ୍ୟବାନ କିଛି ନୁହେଁ । କେବେ ଅଂଶୁଘାତ ରେ ଚାଷୀ ମୃତ୍ୟୁର ଖବର ଆସୁଛି ତ ଆଉ କେବେ ବଜ୍ରପାତ ରେ କାରଣ ଖରା ବର୍ଷା ଶୀତକୁ ଭ୍ରୁକ୍ଷେପ ନ କରି ସେ ଅନ୍ୟ ର ଉଦାର ପୋଷଣ ର ପ୍ରକ୍ରିୟାରେ ନିୟୋଜିତ ଥାଏ । ଏପରି ପରିପ୍ରେକ୍ଷୀରେ ମାନବ ସମ୍ବଳର ଅକସ୍ମାତ ଅସ୍ତ ହେବ ଅପେକ୍ଷା ଏକ ଯନ୍ତ୍ରପାତିର ଅନ୍ତ ହେବ କାରଣ ବିଜ୍ଞାନୀ ମନୁଷ୍ୟର ବୁଦ୍ଧି ଯନ୍ତ୍ରକୁ ଫେରାଇଆଣିପାରେ ମାତ୍ର ମନୁଷ୍ୟ ପିଣ୍ଡରେ ପ୍ରାଣ ଫେରାଇବାରେ ଆଜି ବି ବିଫଳ । ଏବେ ପ୍ରଶ୍ନ ଉଠେ- କ'ଣ ରୋବଟ କୃଷକ ଭାଇର ଶ୍ରମ ଲାଘବ କରିବାରେ ପ୍ରକୃତରେ ସମର୍ଥ ?

**ଶ୍ରମ ଦୁଇ ପ୍ରକାର** - ମାନସିକ ଏବଂ କାୟିକ । ଏହି କାୟିକ ଶ୍ରମର ଦକ୍ଷ ଶ୍ରମିକ ଆମ କୃଷକଭାଇ । କିନ୍ତୁ ଏହି ଶ୍ରମର ବୋଝ ନିଜ ବ୍ୟକ୍ତିଗତ ସମୟ ସହ ଶାରୀରିକ ସୁସ୍ଥତାକୁ କ୍ଷତି ପହ*ଇ ଥାଏ । ଯଦିଓ ଶାରୀରକ ଶ୍ରମର ଆବଶ୍ୟକତା ରହିଛି ; ମାତ୍ର ମାନସିକ ଶ୍ରମ ର ଉପଯୋଗ ଶାରୀରିକ ଶ୍ରମର ପରିଣାମକୁ ଲାଘବ କରିବାରେ ଅନେକ ମାତ୍ରାରେ ସହାୟକ ହେବ । ଏଣୁ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ନିମନ୍ତେ ବୈଜ୍ଞାନିକ କୌଶଳର ଆବଶ୍ୟକତା ଅନେକ । ଯେଉଁ କୃଷିକ୍ଷେତ୍ର ରେ ପ୍ରତ୍ୟହ ୧୨-୧୩ ଘ□ା ର ସମୟ ଦେବାକୁ ପଡୁଛି , ଯଦି ସେହି ସମାନ କାଅର୍ଯ୍ୟ ୫ -୬ ଘ□ା ରେ ସମାପ୍ତ କରାଯାଇପାରିବ,ତେବେ ଚାଷୀ ମାନେ ସମୟ ର ସଦୁପଯୋଗ କରିପାରିବା ସହ ଅନ୍ୟାନ୍ୟ କ୍ଷେତ୍ର ରେ ମଧ୍ୟ ନିଜର ଶ୍ରମ ତଥା ବୁଦ୍ଧି ର ବିନିଯୋଗ କରିପାରିବେ । ଏହି ମାନସିକ ଶ୍ରମ ସଂଶ୍ଲିଷ୍ଟ କୃଷି ର ନାମ ହେଉଛି- ଆଗ୍ରୋବୋଟ (ଆଗ୍ରୋବୋଟ) ଅର୍ଥାତ କୃଷିକ୍ଷେତ୍ରର କୃତ୍ରିମ ଚାଷୀ । ଯାହାର କମ ଚାଷିଭାଇଙ୍କର କମ ର ସମ୍ପୂର୍ଣ୍ଣ ସମାନ ମାତ୍ର ସମୟ ଏବଂ ପରିଶ୍ରମ ଅତି ସ୍ୱଳ୍ପ ।

ଏହି ଆଗ୍ରୋବୋଟର ପ୍ରଥମ ଉଦାହରଣ ହେଉଛି କମ୍ପ୍ୟୁଟର

ଚ଼ଳିତ ଜଳସେଚ଼ନ ବ୍ୟବସ୍ଥା । ଏଥିରେ ସମଗ୍ର ଜମିରେ କମ୍ପ୍ୟୁଟର ଦ୍ୱାରା ଏବଂ ସେନ୍ସର ମାଧ୍ୟମ ରେ ଜଳସେଚ଼ନ ର ବ୍ୟବସ୍ଥା କରାଯିବ ।

ଅର୍ଥାତ ଯେଉଁ ଚ଼ାଷକ୍ଷେତରେ ଜଳସେଚ଼ନ ପାଇଁ କେଣ୍ଡା ତଥା ପାଣି ପମ୍ପର ବ୍ୟବସ୍ତା ଥିଲା ତଥା ଜଳର ପରିମାଣର ସଠିକ ଆକଳନ ପାଇଁ ଯେଉଁ ଚ଼ାଷୀର ରହିବା ଜରୁରୀ ଥିଲା,ସେହି ସ୍ଥାନରେ କମ୍ପ୍ୟୁଟର ଦ୍ୱାରା ଜଳସେଚ଼ନ କରାଯିବ ଏବଂ ଜଳର ପରିମାଣ ବିଭିନ୍ନ ସେନ୍ସର ଦ୍ୱାରା ମାପ କରାଯାଇପାରିବ ।

## ଦ୍ୱିତୀୟ ପଦ୍ଧତି - କୀଟନାଶକ ଡ୍ରୋନ ଅଥବା କୃଷି ଡ୍ରୋନ

ଏହାର କାର୍ଯ୍ୟକଳାପ ସମ୍ପୂର୍ଣ ଭାବରେ ଚ଼ାଳକ ର ପରିଚ଼ାଳନା ଉପରେ ନିର୍ଭରଶୀଳ । ଏହା ଦ୍ୱାରା କୀଟନାଶକ ଗୁଡିକୁ ଡ୍ରୋନ ସାହାଯ୍ୟରେ ସମାନ ଭାବରେ ସିଂଚ଼ନ କରାଯିବା ସହ ଏଥିରେ ଲାଗିଥିବା କ୍ୟାମେରା ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ । ଏହା ଦ୍ୱାରାଦୁଇ ପ୍ରକାର ଉପକାର ସାଧିତ ହେବ । ପ୍ରଥମଟି ହେଉଛି ବିଷାକ୍ତ କୀଟନାଶକ ଗୁଡିକର କୁପ୍ରଭାବରୁ ଚ଼ାଷୀ ଭାଇ ମାନେ ବ□ ପାରିବେ ଏବଂ ଦ୍ୱିତୀୟଟି ହେଉଛି କ୍ୟାମେରା ଦ୍ୱାରା ପରିଚ଼ାଳନା ହେତୁ ଉପଯୁକ୍ତ ଭାବରେ ଏବଂ ସଠିକ ସ୍ଥାନରେ କୀଟନାଶକ ପ୍ରୟୋଗ କରାଯାଇପାରିବ । ଏତଦବ୍ୟତୀତ ଏହାଦ୍ୱାରା ଅଳ୍ପ ସମୟରେ ଅଧିକ ଜମିରେ ସିଂଚ଼ନ ପ୍ରକ୍ରିୟା ସମ୍ଭବପର ହୋଇପାରିବ

## ତୃତୀୟ ପ୍ରକଳ୍ପଟି ହେଉଛି - ସୌର ଟ୍ରାକ୍ଟର

ପୃଥିବୀର ସୀମିତ ଜାଳେଣୀ ସଙ୍କଟରୁ ରକ୍ଷାର ଏକ ନବୀନ ଆବିଷ୍କାର । ସୌର ଶକ୍ତି ଦ୍ୱାରା ଟ୍ରାକ୍ଟର ତଥା ଅନ୍ୟାନ୍ୟ ବିଦ୍ୟୁତ ଶକ୍ତି ପରିଚ଼ାଳିତ ଯନ୍ତ୍ର ଗୁଡିକ କାର୍ଯ୍ୟକ୍ଷମ ହେବା ସହ ଏହା ଦ୍ୱାରା ପରିବେଶ ପ୍ରଦୂଷଣ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇପାରିବ । ଯେହେତୁ ସୂର୍ଯ୍ୟ ଅସରନ୍ତି ଉର୍ଜା । ଏଣୁ ଏହାର ବିନିଯୋଗ ଦ୍ୱାରା ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡି ନଥାଏ ।

ଏହିପରି ଅନେକ ବୈଜ୍ଞାନିକ କୌଶଳ ରହିଛି ଯାହାଦ୍ୱାରା କୃଷିର ମାନ ଉନ୍ନତ କରାଯିବା ସହ କୃଷକର ଶ୍ରମ ଲାଘବର ରାସ୍ତା ଉନ୍ମୁକ୍ତ ହୋଇପାରିବ । ଏହା ଚ଼ାଷୀ ଭାଇଙ୍କୁ ଆଳସ୍ୟ ର ବଶବ□ୀ କରାଇବା ସହ ନୂତନ ଜ୍ଞାନ କୌଶଳ ଶିକ୍ଷା ର ରାସ୍ତା ଖୋଲିଦେଇଥାଏ । ଯେଉଁ କୃଷି ଦିନେ ଅପାଠୁଆଙ୍କ ବୃ□ ବୋଲି କଷଟି ପଥରରେ ନିତ୍ୟ ଘର୍ଷଣ ସହୁ ଥିଲା ; ଏହିପରି ବୈଜ୍ଞାନିକ କୌଶଳ ର ବିନିଯୋଗ ଏହାକୁ ସ୍ୱର୍ଣ୍ଣିମ ଆଭା ପ୍ରଦାନ କରିପାରିବ । ଜ୍ଞାନ କୌଶଳ ସହ ଶିକ୍ଷା ଦିଗରେ ମଧ୍ୟ ଚ଼ାଷୀ ଭାଇ ମାନେ ନିଜର ସ୍ଥାନ ସୁଦୃଢ କରିପାରିବେ ।

ଏହିପରି ଏକ ଅନୁଚ଼ିନ୍ତାକୁ ସନ୍ଧାନ ଅନୁସନ୍ଧାନ କରି ଏକ ପ୍ରକଳ୍ପର ରୂପ ଦେଇଥିଲେ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ସ୍ନାତକ ଛାତ୍ର ଶ୍ରୀମାନ ଶୁଭମ ସାହୁ । କମ୍ପ୍ୟୁଟର ବିଜ୍ଞାନର ଛାତ୍ର ହିସାବରେ କମ୍ପ୍ୟୁଟର ଦ୍ୱାରା କିପରି କୃଷକ ମାନଙ୍କର ଶ୍ରମ ଲାଘବ କରାଯାଇପାରିବ ସେ ଦିଗରେ ତାଙ୍କର ଅନୁସନ୍ଧାନ ତାଙ୍କୁ ଏହି ଆଗ୍ରୋବୋଟ ସହ ସଂଯୁକ୍ତ କରିପାରିଥିଲା । ଯଦି ଶ୍ରମିକ ମାନେ ୮ ଘ□ା ଶ୍ରମ, ୮ ଘ□ା ବିଶ୍ରାମ ଏବଂ ୮ ଘ□ା ବିନୋଦନ ର ଦାବି ହାସଲ କରିପାରିଛନ୍ତି ; କୃଷକ ମାନଙ୍କୁ ମଧ୍ୟ ସେହି ସୁବିଧା ଯୋଗାଇବାର ଉପାୟ କରାଯିବ ନାର୍ଯ୍ୟ ଅଟେ ।ଏଣୁ ଆଶା କରାଯାଇପାରେ କି କୃଷିକ୍ଷେତ୍ରରେ ଏହି ଶିଳ୍ପ ଭି□କ ବିପ୍ଳବ ଦିନେ ଚ଼ାଷୀ ଭାଇ ର କର୍ମକ୍ଳାନ୍ତ ଜୀବନରେ ନୂତନ ଦିଗର ପଥ ଉନ୍ମୁକ୍ତ କରିପାରିବ ଏବଂ ଦେଶର କୃଷିକୁ ପ୍ରଗତି ଦିଗରେ ଆଗକୁ ନେଇପାରିବ ।

**ଶୁଭଶ୍ରୀ ସାହୁ ,**
**ସାରନଗରୀ ,ରାଉରକେଲା**



# ଚାଷୀ ଆନ୍ଦୋଳନର ଦିଗ-ଏକ ଅନୁଶୀଳନ



**ଡ. ସମନ୍ୱୟ ନନ୍ଦ**

ବର୍ତ୍ତମାନ ଦିଲ୍ଲୀର ସୀମାରେ ଚାଷୀ ମାନଙ୍କର ଆନ୍ଦୋଳନ ଚାଲିଛି। ପଂଜାବ, ହରିଆଣା ତଥା ପଶ୍ଚିମ ଉତର ପ୍ରଦେଶର ଚାଷୀ ମାନେ ବିଶେଷ ଭାବରେ ଏହି ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନରତ ଚାଷୀ ମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ କରା ଯାଇଥିବା ତିନୋଟି କୃଷି ବିଲକୁ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି ।ଦେଶରେ ବର୍ତ୍ତମାନ ସୁଦ୍ଧା ଚାଷୀ ମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରୀ କରିବାକୁ ନେଇ କୌଣସି ବିକଳ୍ପ ନ ଥିଲା। ସେମାନେ ମଣ୍ଡିରେ ନିଜର କୃଷିଜାତ ଉତ୍ପାଦ ବିକ୍ରୀ କରିବା ପାଇଁ ବାଧ୍ୟ ଥିଲେ । ତେଣୁ ଚାଷୀ ମାନଙ୍କୁ ବିକଳ୍ପ ପ୍ରଦାନ କରିବାକୁ ଦାବି ବହୁ ପୂର୍ବରୁ ହେଉଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଡ, ମନମୋହନ ସିଂହଙ୍କ ଠାରୁ ଆରମ୍ଭ କରି ଏନସିପି ମୁଖ୍ୟ ଶରଦ ପାବାର ଓ ଅନ୍ୟ ନେତା ମାନେ ଚାଷୀ ମାନଙ୍କର ଉତ୍ପାଦକୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରିବା କଥା ଦୀର୍ଘ ଦିନରୁ କହି ଆସୁଥିଲେ । ହେଲେ ଏ ଦିଗରେ କେହି ଠୋସ ପଦକ୍ଷେପ ନେଇ ନ ଥିଲେ । ତେବେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀ ମାନଙ୍କ ପାଇଁ ବିକଳ୍ପ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କରିଛନ୍ତି । କହିବାକୁ ଗଲେ ବର୍ତ୍ତମାନ ସରକାର ଚାଷୀ ମାନଙ୍କୁ ବିକଳ୍ପ ପ୍ରଦାନ କରିବା ସହ ମଣ୍ଡିର ମଧ୍ୟସ୍ଥ ମାନଙ୍କ କବଜାରୁ ବର୍ତ୍ତିବାର ଏକ ରାସ୍ତା ଦେଇଛନ୍ତି । ଏହା ସହିତ ସରକାର ସ୍ପଷ୍ଟ କରିଛନ୍ତି ଯେ ମଣ୍ଡି ବ୍ୟବସ୍ଥା ପୂର୍ବ ଭଳି ଜାରୀ ରହିବ ଓ ଏମଏସପି ବ୍ୟବସ୍ଥା ଉଚ୍ଛେଦ ହେବ ନାହିଁ । ଏହା ମଧ୍ୟ ଜାରୀ ରହିବ । ତେଣୁ ଦେଖିବାକୁ ଗଲେ ବର୍ତ୍ତମାନର ମୋଦି ସରକାର ପୂର୍ବରୁ ହୋଇ ଆସୁଥିବା ଦାବିକୁ କେବଳ ପୂରଣ କରିଛନ୍ତି ଓ ଏହା ସହିତ ପୂର୍ବର ବ୍ୟବସ୍ଥାକୁ ମଧ୍ୟ ଜାରୀ ରଖିଛନ୍ତି ।

ତେବେ ଏହାକୁ ନେଇ କିଛି କୃଷକ ସଂଗଠନ ଖାସ କରି ପଂଜାବର କିଛି ବାମପନ୍ଥୀ କୃଷକ ସଂଗଠନ ଗୁଡିକ ଆନ୍ଦୋଳନ କରିବାରେ ଲାଗିଛନ୍ତି । ପଂଜାବରେ କିଛି ଦିନ ଆନ୍ଦୋଳନ କରିବା ପରେ ଏବେ ସେମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଛନ୍ତି । ସରକାର ମଧ୍ୟ ତାଙ୍କ ସହ ଆଲୋଚନା କରୁଛନ୍ତି ।

ସରକାର ଯେତେବେଳେ କୌଣସି ଆଇନ ପ୍ରଣୟନ କରନ୍ତି ଯଦି ତାହା ଜନ ବିରୋଧୀ ତେବେ ଏହାର ବିରୋଧ ହେବା ଜରୁରୀ । ଗଣତନ୍ତ୍ରରେ ଯଦି ଜନ ବିରୋଧୀ ନିଷ୍ପତି ଗ୍ରହଣ କରା ଯାଏ ତେବେ ଏହାର ରାଜରାସ୍ତାରେ ବିରୋଧ ହେବା ସ୍ୱାଭବିକ ଓ ଏହାକୁ ସ୍ୱାଗତ କରା ଯିବା ଉଚିତ । ଚାଷୀ ମାନଙ୍କ ମନରେ ଯଦି କିଛି ଆଶଙ୍କା ରହିଛି ତେବେ ତାଙ୍କ ଠାରୁ ତାଙ୍କର ଉଦବେଗକୁ ଶୁଣିବା ଓ ତା

ଅନୁସାରେ ସମସ୍ୟାର ସମାଧାନର ରାସ୍ତା ବାହାର କରିବା ସରକାରଙ୍କର ଦାୟିତ୍ୱ । ଚାଷୀ ମାନଙ୍କର ଚିନ୍ତା ଓ ଆଶଙ୍କା ଦୂର ହେବା ଅତ୍ୟନ୍ତ ଜରୁରୀ ।  ଏପରି ଲାଗୁଛି କେନ୍ଦ୍ର ସରକାର ତାର  ଦାୟିତ୍ୱକୁ ଭଲ ଭାବେ ବୁଝିଛନ୍ତି ଓ ଚାଷୀ ମାନଙ୍କ ସହ ନିରନ୍ତର ଆଲୋଚନା କରୁଛନ୍ତି ଓ ସ୍ପଷ୍ଟ କରିଛନ୍ତି ଯେ  ଚାଷୀ ମାନଙ୍କର ଆଶଙ୍କାକୁ ଦୂର କରିବାକୁ ସମସ୍ତ ପ୍ରକାର କଥା ସେମାନେ ଲିଖିତ ଭାବେ ଦେବାକୁ ପ୍ରସ୍ତୁତ ଅଛନ୍ତି ।

ତେବେ ଏହି ଚାଷୀ ଆନ୍ଦୋଳନ ଧୀରେ ଧୀରେ ଅନ୍ୟ ମୋଡ ନେଉଥିବା ଦେଖା  ଯାଉଛି । ଆନ୍ଦୋଳନ ଆରମ୍ଭ ହେବା ଦିନ ଠାରୁ ବର୍ତ୍ତମାନ ଯାଏ ଏପରି କିଛି ଘଟଣା ଦେଖିବାକୁ ମିଳିଲାଣି ଯାହା ଦ୍ୱାରା ଏ ପ୍ରକାର ସନ୍ଦେହ ଉତ୍ପନ୍ନ ହେଉଛି ଯେ ବାସ୍ତବରେ ଚାଷୀ ମାନଙ୍କର ଏହି ଆନ୍ଦୋଳନ  କିଛି ଭାରତ ବିରୋଧୀ, ଭାରତକୁ ଭାଗ ଭାଗ କରିବାକୁ ଚେଷ୍ଟା କରୁଥିବା ଶକ୍ତି ମାନଙ୍କ ହାତକୁ ଚାଲି ଯାଇଛି । ତାର ଗୋଟିଏ ପରେ ଗୋଟିଏ ଉଦାହରଣ ଦେଖିବାକୁ ମିଳିଲାଣି । ଏହା ବାସ୍ତବରେ ଚିନ୍ତାଜନକ ବିଷୟ ।ଏହି ଆନ୍ଦୋଳନ ବେଳେ ଚାଷୀ ମାନଙ୍କର ସମସ୍ୟା ସମ୍ପର୍କିତ ପୋଷ୍ଟର ସହିତ ଏବେ ନାଗରିକତା ସଂଶୋଧନ ଆଇନକୁ ପ୍ରତ୍ୟାହାର କରିବା, ଜାମ୍ମୁ କାଶ୍ମୀରରୁ ଧାରା ୩୭୦କୁ ପୁଣି ଥରେ ଲାଗୁ କରିବା ସମ୍ପର୍କିତ ପୋଷ୍ଟର ମଧ୍ୟ ଦେଖା ଦେଲାଣି । କେବଳ ସେତିକି ନୁହେଁ  ଟିକରି ସୀମା ଠାରେ ଯେଉଁ ଚାଷୀ ଆନ୍ଦୋଳନ ହୋଇଥିଲା ସେଥିରେ  ସହରୀ ନକ୍ସଲ ଭାବେ ଜଣାଶୁଣା ଓ ଭୀମା କୋରେଗାଁଓ ମାମଲାରେ  ଅଭିଯୁକ୍ତ ଓ ବର୍ତ୍ତମାନ ଦେଶର ବିଭିନ୍ନ ଜେଲରେ ଥିବା ଗୌତମ ନବଲଖା, ସୁଧା ଭାରଦ୍ୱାଜ, ବର୍ବରା ରାଓ ତଥା ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଶରଜିଲ ଇମାମ, ଉମର ଖାଲେଦ, ଖାଲିଦ ସୈଫୀ ପରି ଲୋକ ମାନଙ୍କୁ ଜେଲରୁ ମୁକ୍ତ କରା ଯିବାକୁ ଦାବି ହେବାର ଦେଖିବାକୁ ମିଳିଛି ।  ଚାଷୀ ମାନଙ୍କର ସମସ୍ୟା, ତାଙ୍କର ଆଶଙ୍କା ଏହି ଆନ୍ଦୋଳନରେ ପ୍ରତିଫଳିତ ହେବା ବଦଳରେ ସେହି ଟୁକଡେ ଟୁକଡେ ଗ୍ୟାଙ୍ଗ ଏହି ଚାଷୀ  ଆନ୍ଦୋଳନକୁ ନିଜ କବଜାରେ ନେଇ ଯାଇ ଥିବା ଭଳି ଅନୁଭବ ହେଉଛି ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

କେବଳ ସେତିକି ନୁହେଁ ଏହି ମାମଲାକୁ ଧୀରେ ଧୀରେ ହିନ୍ଦୁ – ଶିଖ ବିବାଦର ରୂପ ଦିଆ ଯିବାକୁ ସୁନିୟୋଜିତ ଭାବେ ଚେଷ୍ଟା ଚାଲିଥିବାର ଅନୁଭବ ହେଉଛି ।  ଚାଷୀଙ୍କ ଆଶଙ୍କା ସମ୍ପର୍କିତ ଆନ୍ଦୋଳନ ନାଁରେ  ଏହି ଆନ୍ଦୋଳନକୁ  ଧୀରେ ଧୀରେ ମୋଡି ଖଲିସ୍ତାନ ସମର୍ଥକ ମାନେ ବ୍ୟବହାର କରିବାରେ ଲାଗିଲେଣି । ଭାରତକୁ ଅସ୍ଥିର କରିବାକୁ ଅନେକ ଶକ୍ତି ଦୀର୍ଘ ଦିନରୁ କାମ କରୁଛି।  ଏହାକୁ କାହାକୁ ଅଛପା ନାହିଁ ଯେ ପାକିସ୍ତାନର କୁଖ୍ୟାତ ଗୁଇନ୍ଦା ଏଜେନ୍ସୀ ଆଇଏସଆଇ ଭାରତକୁ ଅସ୍ଥିର କରିବାକୁ ଖଲିସ୍ତାନ ପ୍ରଜେକ୍ଟ ଉପରେ କାମ କରି ଆସୁଛି  । କାନାଡା ଏହି ଖଲିସ୍ତାନୀ ଆନ୍ଦୋଳନର ଏକ ମୁଖ୍ୟ କେନ୍ଦ୍ର ଭାବେ ମଧ୍ୟ ଜଣାଶୁଣା।

ଆଉ ଏକ ଆଶ୍ଚର୍ଯ୍ୟର ବିଷୟର କାନାଡାର  ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡ଼ୁ ମଧ୍ୟ ଚାଷୀ ଆନ୍ଦୋଳନରେ ତେଇଁ ବକ୍ତବ୍ୟ ପ୍ରଦାନ କରିଛନ୍ତି। ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ସେ ଜଣାଶୁଣା। ତାଙ୍କର ଏହି ମାମଲାରେ ତେଇଁବା ଗୋଟିଏ କଥାକୁ ପ୍ରମାଣିତ କରୁଛି ଯେ ଆନ୍ତର୍ଜାତିକ ଭାରତ ବିରୋଧୀ ଶକ୍ତି ମାନେ ଚାଷୀ ଆନ୍ଦୋଳନ ନାମରେ ଭାରତକୁ ଅସ୍ଥିର କରିବାର ପ୍ରୟାସରେ ଲାଗିଛନ୍ତି ।ପଂଜାବର ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ    ନେତା।



କ୍ୟାପ୍ଟେନ ଅମରିନ୍ଦର ସିଂହଙ୍କ ଚାଷୀ ଆନ୍ଦୋଳନ ସମ୍ପର୍କିତ ବକ୍ତବ୍ୟ ଉପରେ ଦୃଷ୍ଟି ପକାଇବା ଅତ୍ୟନ୍ତ ଜରୁରୀ । ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚାଷୀ ମାନଙ୍କର ଏହି ଆନ୍ଦୋଳନ ଦେଶର ସୁରକ୍ଷା ପାଇଁ ଏକ ବଡ ବିପଦ । କ୍ୟାପ୍ଟେନ ଅମରିନ୍ଦର ସିଂହ କୌଣସି କେନ୍ଦ୍ରରେ କ୍ଷମତାସୀନ ବିଜେପି ଦଳର ନେତା ନୁହନ୍ତି । ସେ କଂଗ୍ରେସର ବରିଷ୍ଠ ନେତା । ସେ କଂଗ୍ରେସ ଦଳର ନେତା ହୋଇ ଥିଲେ ସୁଦ୍ଧା ସେ ଏହି ଚାଷୀ ଆନ୍ଦୋଳନ ଜରିଆରେ କିପରି ଭାବେ ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରାଯାଉଛି ତାକୁ ବ୍ୟକ୍ତ କରିଛନ୍ତି । ଏହା ପଛରେ ଖଲିସ୍ତାନୀ ଶକ୍ତି ମାନଙ୍କର ହାତ ଥିବା ସେ କହିଛନ୍ତି ।

କେବଳ କ୍ୟାପ୍ଟେନ ଅମରିନ୍ଦର କାହିଁକି ପଂଜାବର ଲୁଧିଆନାର କଂଗ୍ରେସ ସାଂସଦ ରବନୀତ ସିଂହ ବିଟ୍ଟୁ ମଧ୍ୟ ବକ୍ତବ୍ୟ ଦେଇଛନ୍ତି ଯେ ଚାଷୀ ଆନ୍ଦୋଳନ ଆଉ ଚାଷୀ ମାନଙ୍କର ହାତରେ ନାହିଁ । ଏହା ଏବେ ଭାରତକୁ ଖଣ୍ଡ ଖଣ୍ଡ କରିବାର ସ୍ୱପ୍ନ ଦେଖୁଥିବା ଖଲିସ୍ତାନୀ ମାନଙ୍କ ହାତକୁ ଚାଲି ଯାଇଛି ।

ଆମେରିକାରେ ଖଲିସ୍ତାନୀ ସମର୍ଥକ ମାନେ କୃଷି ଆଇନ ବିରୋଧୀ ଆନ୍ଦୋଳନ ନାମରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିକୁ ଭଙ୍ଗାରୁଜା କରିଛନ୍ତି । ଯଦି କେହି ଚାଷୀ ମାନଙ୍କର ସମସ୍ୟାକୁ ଉଠାଇବାକୁ ଚାହୁଁଛି ତେବେ ତାକୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିକୁ ଭଙ୍ଗାରୁଜା କରିବାର କଣ ବା ଆବଶ୍ୟକତା ରହିଛି । ଆମେରିକାରେ ଘଟିଥିବା ଘଟଣା ସ୍ପଷ୍ଟ କରୁଛି ଯେ ଚାଷୀ ମାନଙ୍କ ମନରେ ଭୟ ଉତ୍ପନ୍ନ କରି ସେମାନଙ୍କୁ ଢାଲ କରି ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ସମସ୍ତ ଶକ୍ତି ଏକାଠି ହୋଇଛନ୍ତି । ଚାଷୀ ଓ ତାର ଆଶଙ୍କା ଦୂର ହେବା ଏମାନଙ୍କର ଉଦ୍ଦେଶ୍ୟ ନୁହେଁ ତାହା ସ୍ପଷ୍ଟ ହେଉଛି ।

ଧାରା- ୩୭୦ ଉଚ୍ଛେଦ ମାମଲା ହେଉ ବା ସିଏଏ ଆଇନର ପ୍ରତିବାଦ ନାଁରେ ଦେଶର ବିଭିନ୍ନ ସ୍ଥାନରେ ଯେଭଳି ଭାବେ ଉପଦ୍ରବ କରା ଗଲା ଓ ଦିଲ୍ଲୀର ଶାହିନବାଗ ଠାରେ ଯେଭଳି ଭାବେ ଦିଲ୍ଲୀକୁ ବନ୍ଧକ ରଖା ଗଲା ସେଥିରୁ ସ୍ପଷ୍ଟ ଯେ କିଛି ଲୋକ ଗଣତନ୍ତ୍ରର ପରୀକ୍ଷାରେ ପରାଜିତ ହେବା ପରେ ଅରାଜକତା ମାଧ୍ୟମରେ ଦେଶରେ ଅସ୍ଥିରତା ଉତ୍ପନ୍ନ କରିବାକୁ ପ୍ରୟାସରତ ଅଛନ୍ତି । ଚାଷୀ ମାନଙ୍କର ମନରେ ଥିବା ଆଶଙ୍କା ନିଶ୍ଚିତ ଭାବେ ଦୂର ହେବା ଆବଶ୍ୟକ । ଚାଷୀ ମାନଙ୍କର ଉଦବେଗକୁ ସରକାର ନିଶ୍ଚିତ ଭାବେ ଶୁଣିବା ଦରକାର ଓ ଏହାକୁ ଦୂର କରିବାକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବା ଆବଶ୍ୟକ ଏଥିରେ କେହି ଦ୍ୱିମତ ହୋଇ ପାରିବେ ନାହିଁ । ତେବେ ଚାଷୀ ମାନଙ୍କୁ ଢାଲ କରି ଭାରତକୁ ଅସ୍ଥିର କରିବାକୁ ଲାଗିଥିବା ଏହି ଭାରତ ବିରୋଧୀ ଶକ୍ତି ମାନଙ୍କୁ ଯଥା ଶୀଘ୍ର ଚିହ୍ନଟ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବା ଆବଶ୍ୟକ । ତିନି ଦଶନ୍ଧି ପୂର୍ବରୁ ପାକିସ୍ତାନ ପ୍ରେରିତ ଖଲିସ୍ତାନୀ ଆନ୍ଦୋଳନର ବହୁମୂଲ୍ୟ ଭାରତକୁ ବିଶେଷ ଭାବେ ପଂଜାବକୁ ଦେବାକୁ ପଡିଛି । ହଜାର ହଜାର ନୀରିହ ଲୋକ ଏହି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ଶୀକାର ହୋଇଥିଲେ । ପୁଣି ଥରେ ଭାରତକୁ ସେହି ନିଆଁରେ ଜାଳିବାକୁ ପ୍ରୟାସ ଚାଲିଛି । ଭାରତ ସରକାରଙ୍କୁ ଏହା ଉପରେ ଦୃଷ୍ଟି ଦେଇ ଏହି ଶକ୍ତି ମାନଙ୍କ ବିରୁଦ୍ଧରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିତାନ୍ତ ଜରୁରୀ ।



# ସର୍ବନିମ୍ନ ସହାୟକ ମୂଲ୍ୟ : ଏକ ବିଶ୍ଳେଷଣ

ରିଚା ମିଶ୍ର




ଅଧୁନା କୃଷି ଆଇନ ବିରୋଧୀ କୃଷକ ଆନ୍ଦୋଳନ ଖବର କାଗଜ ର ମୁଖ୍ୟ ଖବର ସାଜିଥିବା ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ ସର୍ବାଧିକ ବ୍ୟବହୃତ ଶବ୍ଦ ପାଲିଟିଛି । କିନ୍ତୁ ଏହି ଶବ୍ଦଟି କଣ ?

ଭାରତ ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ ଆମ ଦେଶରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖା ଦେଇଥିଲା । ଖାଦ୍ୟାଭାବ ସମସ୍ୟା ଅତି ଗୁରୁତର ହେବାକୁ ଲାଗିଲା । ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ନିମନ୍ତେ ନୀତି ପ୍ରଣୟନ କରିବାକୁ ଭାବିଲେ । ପ୍ରଥମ ଥର ପାଇଁ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଦ୍ୱାରା ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ରିପୋର୍ଟ ଦାଖଲ ହୋଇଥିଲା । ପରବ□ୀ ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସର୍ବନିମ୍ନ ସହାୟକ ମୂଲ୍ୟ ୧୯୬୭ ମସିହାରେ ପ୍ରଣୟନ କରାଯାଇଥିଲା । ସେତେବେଳେ ଗହମ ପାଇଁ ୬୫ ଟଙ୍କା/କୁଇ ।ଲ ଦରରେ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା ।

ତେବେ ସର୍ବନିମ୍ନ ସହାୟକ ମୂଲ୍ୟ ହେଉଛି ସେହି ଦର ଯେଉଁ ଦରରେ ସରକାର କୃଷକଙ୍କ ଠାରୁ ଶସ୍ୟ କିଣି ଥାଏ ।ଏହା ସରକାରଙ୍କ ଦ୍ୱାରା କୃଷକ ମାନଙ୍କ ପାଇଁ ଏକ ଗ୍ୟାରେ[ି ପରି କାମ କରେ ଯଦ୍ୱାରା ସରକାର କୃଷକଙ୍କୁ ପ୍ରତିଜ୍ଞା କରିଥାନ୍ତି ଯେ ଯଦି କୌଣସି କାରଣରୁ କୃଷକଙ୍କୁ ବଜାର ରେ ନିଜ ଉତ୍ପାଦର ସଠିକ୍ ମୂଲ୍ୟ ନ ମିଳେ, ସରକାର ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟରେ ସେହି ଉତ୍ପାଦ କିଣିବେ ।ଏହା କୃଷକଙ୍କୁ ବଜାରରେ କମ୍ ଦରରୁ ରକ୍ଷା କରିବା ପାଇଁ ସହାୟକ ହୁଏ ।

ପୁଣି ପ୍ରଶ୍ନ ଆସେ, ସରକାର କିଣନ୍ତି କିପରି ? ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଏଫ.ସି.ଆଇ ନିୟନ୍ତ୍ରିତ ବଜାର କମିଟିରୁ କୃଷି ଦ୍ରବ୍ୟ କିଣି ଥାଏ ।ଏହି ସବୁ ଦ୍ରବ୍ୟ ପୁଣି ସରକାର (public distribution system) ଦ୍ୱାରା କମ୍ ଦାମରେ ଲୋକଙ୍କୁ ୨ ଟଙ୍କା ଚାଉଳ ବା[ି ।

## ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ:-

ସରକାରଙ୍କ ଦ୍ୱାରା ସ୍ଥାପିତ ସି.ଏ.ସି.ପି ସବୁ ବର୍ଷ ଖରିଫ ଓ ରବି ଋତୁ ପାଇଁ ଚାଷ ପୂର୍ବରୁ ମୂଲ୍ୟ ଧାରଣ କରି ଥାଏ । ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିଭିନ୍ନ ଆଧାର ନିଆଯାଏ ଯଥା:- ଚାହିଦା ଓ ଯୋଗାଣ,ଉତ୍ପାଦନ ଖର୍ଚ୍ଚ ଦ୍ରବ୍ୟ ମୂଲ୍ୟ ଇତ୍ୟାଦି ସି.ଏ.ସି.ପିର ରିପୋର୍ଟ ଅନୁସାରେ ସର୍ବ ନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଥାଏ ।

ବର୍ତ୍ତମାନ ୨୪ଟି ଦ୍ରବ୍ୟ ନିମନ୍ତେ ଗ୫ଚ ନିର୍ଦ୍ଧାରଣ କରାଯାଇଛି । ସେଗୁଡିକ ହେଲା :- ଧାନ, ଗହମ, ମକା, ସରଗମ୍, ମାଣ୍ଡିଆ, ବାର୍ଲି, ରାଗି, ଚଣା, ହରଡ, ମୁଗ, ବିରି, ମସୁର, ଚିନାବାଦାମ, ସୋରିଷ, ସୋୟାବିନ, ସୂର୍ଯ୍ୟ ମୁଖୀ, ତିଳ, ଆଖୁ, କପା , ଝୋଟ, ରାଶି, କଳାଜିରା, କୁସୁମ, ନଡ଼ିଆ ।

୫୩ ବର୍ଷ ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ର ଦର ବୃଦ୍ଧି ବହୁତ ହେଲାଣି । କିନ୍ତୁ ତଥାପି ୮୦-୮୫ % ଦ୍ରବ୍ୟ କେବଳ ପଞ୍ଜାବ ଓ ହରିଆଣାର କୃଷକ ଯୋଗାନ୍ତି ।୨୦୧୨-୨୦୧୩ ମସିହା ଆକଳନ ଅନୁସାରେ ଭାରତ ର କେବଳ ୬% ଚାଷୀ ହିଁ ସର୍ବନିମ୍ନ ସହାୟକ ମୂଲ୍ୟ ର ଲାଭ ଉଠାଉଛନ୍ତି ।୨୦୧୯-୨୦ ରେ ଓଡ଼ିଶାରେ ସର୍ବନିମ୍ନ ସହାୟକ ମୂଲ୍ୟ ରେ ଯୋଗାଣ ହୋଇ ଥିବା ଦ୍ରବ୍ୟ ରେ ୨୧% ବୃଦ୍ଧି ପରିଲକ୍ଷିତ ହୋଇଛି ।

କିନ୍ତୁ ଆମକୁ ମନେ ରଖିବାକୁ ହେବ ସର୍ବନିମ୍ନ ସହାୟକ ମୂଲ୍ୟ ଆମ ଫସଲ କୁ ବଜାର ରେ ମୂଲ୍ୟ ହ୍ରାସ ରୁ ରକ୍ଷା କରିବା ପାଇଁ ସହାୟକ, ଏହା ଅର୍ଥ ନୁହେଁ ଆମେ ଆମର ଫସଲର ବିକ୍ରି ପାଇଁ ଏହା ଉପରେ ପୂର୍ଣତଃ ନିର୍ଭର ହେବା । ଆଜିର କୃଷକ କେବଳ ଚାଷୀ ନୁହେଁ , ସେ ଏକ ଉଦ୍ୟୋଗୀ ମଧ୍ୟ । ତେଣୁ ବଜାରରେ ଅଧିକ ଦରରେ ନିଜ ଉତ୍ପାଦ ବିକ୍ରି କରିବା ରେ ଅସଫଳ ହେଲେ , ସର୍ବନିମ୍ନ ସହାୟକ ମୂଲ୍ୟ ଆପଣଙ୍କ ସାଥୀ ଭାବେ ସର୍ବଦା ଉପଲବ୍ଧ ।

(ଓୟୁଏଟି , ଭୁବନେଶ୍ୱର)

# ମାଛ ପୋଖରୀ ପ୍ରସ୍ତୁତି ଓ ପରିଚାଳନା

**ପୋଖରୀ ପ୍ରସ୍ତୁତି-** ମାଛ ଚାଷ ପାଇଁ ପୋଖରୀ ଆୟତାକର ହେବା ଉଚିତ୍ । କାଦୁଆ ବା ଦୋରସା ମାଟି ମାଛ ଚାଷ ପାଇଁ ପ୍ରକୃଷ୍ଟ । ଖରାଦିନେ ଅତିକମରେ ଚାରିଫୁଟ ପାଣି ପୋଖରରେ ରହିବା ଦରକାର । ପୋଖରୀର ବନ୍ଧ ସୁଦୃଢ ରହିବା କଥା ଓ ପଙ୍କ ନ ହେବା ଭଲ । ପୋଖରୀ ରଅଦରକାରୀ ଗୁଳ୍ମ ବା ଦଳ, ଚୁନାମାଛ ତଥା ଶିକାରୀ ମାଛକୁ କାଢ଼ିବା ଆବଶ୍ୟକ । ପୋଖରୀର ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଉପଯୁକ ମାତ୍ରାରେ ଚୂନ, ଖତ ଓ ସାର ପ୍ରୟୋଗ କରି ମାଛର ପ୍ରାକୃତକି ଖାଦ୍ୟ ପ୍ରସ୍ତୁତ କରିବା ଆବଶ୍ୟକ ।

**ବିଜ୍ଞାନ ମିହିର ରାଉତ**



**ପଙ୍କ ଓ ଦଳ ଦୂରୀକରଣ-** ପୋଖରୀରେ ଥିବା ପଙ୍କ, ମାଟିର ଅମଳ ଅଂଶ ବଜାର ମାଛର ବୃଦ୍ଧିରେ ବାଧାପ୍ରାପ୍ତ ହେଉଥିବାରୁ ପୋଖାରୀରୁ ପଙ୍କ ଉଦ୍ଧାର କରିବା ନିହାତି ଦରକାର । ଏହାର ଉତ୍ପାଦନ ଶକ୍ତି ବଢ଼ିଯାଏ । ଏହା ସାଧାରଣତଃ ଖରା ଦିନରେ କରାଯାଏ କାରଣ ବର୍ଷା ଦିନେ ପୋଖରୀରେ ଜାଆଁଳ ଛଡ଼ାଯାଏ । ପୋଖରୀରେ ଥିବା ଦଳ ,ମାଛ,ଖାଦ୍ୟର ପରିମାଣ ଓ ଗମନାଗମନରେ ବାଧା ସୃଷ୍ଟି କରୁଥିବାରୁ ଏହାର ଦୂରୀକରଣ ପାଇଁ ଆମୋନିଆ ଗ୍ୟାସ୍ ବ୍ୟବହାର କରିବା ଉଚିତ୍ । ଏହା ଛଡ଼ା ଦଳ ପୂର୍ଣ୍ଣ ବୋଖରୀରେ ଗ୍ରାସକାର୍ପ(ଦଳଖିଆ ମାଛ) ଛାଡ଼ିଲେ ଅନେକ ପରିମାଣରେ ଦଳ ନିରାକରଣ ହୋଇଥାଏ ।

**ଶିକାରୀ ମାଛ ଦୂରୀକରଣ:-** ପୋଖରୀରୁ ବାଳିଆ , କଉ , ସିଙ୍ଗୀ , ଗଡ଼ିଶ , କ ଆ , ଚି ଳ ଇତ୍ୟାଦି ଶୀକାରୀ ମାଛ ମାନେ ପୋଖରୀରେ ଛଡ଼ାଯାଇଥିବା ଜାତିଆ ମାଛ ଜାଆଁଳ ମାନଙ୍କୁ ଖାଇ ଯାଉଥିବାରୁ ସେମାନଙ୍କ ଦୂରୀକରଣ ପାଇଁ ପୋଖରୀରେ ହେକ୍ଟର ପିଛା ୨୫୦୦କିଗ୍ରା ମହୁଲ ପିଡ଼ିଆ ପ୍ରୟୋଗ କରାଯାଏ । ନଚେତ୍ ବ୍ଲିଚିଂ ପାଉଡ଼ର(୨୦% କ୍ଲୋରିନ) ୨୫୦କିଗ୍ରା ସହ ୟୁରିଆ ମିଶାଇ ହେକ୍ଟର ପିଛା ପ୍ରୟୋଗ କଲେ ଅବାଂଛିତ ମାଛ ମାନଙ୍କୁ ସହଜରେ ମାରିହୁଏ ।

**ଚୂନ ବ୍ୟବହାର:-** ଚୂନ ପ୍ରୟୋଗ ପୋଖରୀକୁ ରୋଗମୁକ୍ତ କରାଇଥାଏ ଓ ପୋଖରୀର ଅମଳତା ନଷ୍ଟ ହୁଏ । ଏହା ଛଡ଼ା ପୋଖରୀରେ ଦ୍ରବୀଭୂତ ହୋଇ ରହିଥିବା ଅମ୍ଳଜାନ ପରିମାଣ ଯଦି କମିଯାଏ କିମ୍ବା ମାଛ ମାନଙ୍କୁ ରୋଗ ହୁଏ , ତାହେଲେ ପୋଖରୀରେ ଚୂନ ପ୍ରୟୋଗ ଆବଶ୍ୟକତା ବଢ଼ିଥାଏ । ପ୍ରଥମ ପର୍ଯ୍ୟାୟରେ ହେକ୍ଟର ପିଛା ୨୦୦ କିଗ୍ରା ହିସାବରେ ଚୂନ ପ୍ରୟୋଗ କରି ମାଟି ଓ ପାଣିକୁ ବିଶୋଧନ କରାଯାଏ । ବ୍ଲିଚିଂ ପାଉଡ଼ର ପଡ଼ିଥିଲେ ଚୂନ ପ୍ରୟୋଗ ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକ ହୁଏନାହିଁ ।

**ସାର ପ୍ରୟୋଗ:-** ଚୂନ ପକାଇବାର ଅଳ୍ପ ଦିନ ପରେ ପୋଖରୀର ଉର୍ବରତା ବଢ଼ାଇବା ପାଇଁ ଜୈବିକ ଓ ଅଜୈବିକ ସାର ପ୍ରୟୋଗ କରାଯାଏ । ସାଧାରଣତଃ ସାରର ଆବଶ୍ୟକତା ପୂରଣ କରିବା ପାଇଁ ହେକ୍ଟର ପିଛା ବାର୍ଷିକ ୧୦୦୦୦କିଗ୍ରା ଜୈବିକ ସାର(ଗୋବର) ପ୍ରୟୋଗ କରିବାକୁ ହୁଏ । ଚୂନ ପ୍ରୟୋଗର ତିନି ଦିନ ପରେ ୨୫୦୦ କିଗ୍ରା ଗୋବର ପ୍ରୟୋଗ କରି ଅବଶିଷ୍ଟ ୧୦ଟି କିସ୍ତିରେ ପ୍ରୟୋଗ କରିବାକୁ ହୁଏ । ପୋଖରୀ ବାର୍ଷିକ ସାର

**ଯାଆଁଳା ଛାଡ଼ିବା:-** ପୋଖରୀରେ ମୁଖ୍ୟତଃ ବଳିଷ୍ଠ , ରୋଗମୁକ୍ତ ଯାଆଁଳ ଛାଡ଼ିଲେ ମାଛ ଭଲ ବଢ଼େ ଓ ମୃତ୍ୟୁ ହାର କମିଯାଏ । ଯାଆଁଳର ସଂଖ୍ୟା ପୋଖରୀର ଆକାର, ଉର୍ବରତା ଶକ୍ତି,ପରିପୂରକ ଖାଦ୍ୟ ମାତ୍ରା , ମାଛର କିସମ ଇତ୍ୟାଦି ଉପରେ ନିର୍ଭର କରେ । ସାଧାରଣତଃ ହେକ୍ଟର ପିଛା ୫୦୦୦ ଯାଆଁଳ ଛାଡ଼ିବା ଆବଶ୍ୟକ । ଯାଆଁଳ କିସମ ଅନୁପାତ ସଠିକ ରଖିଲେ ମାଛ ମାନଙ୍କ ମଧ୍ୟରେ ଖାଦ୍ୟର ପ୍ରତିଯୋଗିତା ହୁଏନାହିଁ । ମୋଟ ଯାଆଁଳ ସଂଖ୍ୟା , ପୋଖରୀ ଅବସ୍ଥା , ହେକ୍ଟର ପିଛା ଚାଷୀର ଅଭିଜ୍ଞତା ଓ ପରିପୂରକ ଖାଦ୍ୟ ମାତ୍ରା ଇତ୍ୟାଦିକୁ ହିସାବ କରି ଯାଆଁଳ କିସମ ଅନୁପାତ ଦିଦ୍ଧା;ରଣ କରିହୁଏ । ପୋଖରୀର ବିଭିନ୍ନ ସ୍ତରର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିବାକୁ ବିଭିନ୍ନ ଜାତିର ମାଚକୁ ଭିନ୍ନ ଭିନ୍ନ ଅନୁପାତରେ ମିଶ୍ରିତ ପଦ୍ଧତିରେ ଚାଷ କରାଯାଏ । ଏଥିପାଇଁ ବିଭିନ୍ନ ଜାତିର ମାଉ ଯାଆଁଳକୁ ନିମ୍ନଲିଖିତ ଅନୁପାତରେ ପୋଖରୀରେ ଛାଡ଼ିବା ଆବଶ୍ୟକ ।

ଯାଆଁଳ ଛାଡ଼ିବା ପରେ ଖାଦ୍ୟସାର ପ୍ରୟୋଗ - ସାର ଓ ଖତ ପ୍ରୟୋଗ ପରେ ମଧ୍ୟ ମାଛ ମାନଙ୍କର ବଢ଼ିବା ନିମନ୍ତେ ଅନ୍ୟାନ୍ୟ ଖାଦ୍ୟର ପ୍ରୟୋଜନ ଥାଏ । ମୁଖ୍ୟତଃ ପିଡ଼ିଆ , କୁଣ୍ଡା , ଚୋକଡ଼ ଓ ଶୁଖୁଆ ଗୁଣ୍ଡ ଇତ୍ୟାଦି ମାଛର ଖାଦ୍ୟ ଉପାଦାନ ରୂପେ ବ୍ୟବହୃତ ହୁଏ । ସାଧାରଣତଃ ବାଦାମ ପିଡ଼ିଆ ଓ କୁଣ୍ଡାକୁ ସମାନ ସମାନ ପରିମାଣରେ ମିଶାଇ ଦୈନିକ ମହଜୁଦ ମାଛ ଓଜନର ପ୍ରଥମ ତିନି ମାସ ପର୍ଯ୍ୟ;ନ୍ତ ପାଂଚ ଭାଗ ଓ ପରବ ି ସମୟରେ ଶତକଡ଼ା ୨-୩ଭାଗ ଖାଦ୍ୟ ହିସାବରେ ବର୍ଷ ସାରା ଦିଆଯାଇଥାଏ । ଏହି ଖାଦ୍ୟକୁ ପୋଖରୀ ଭିତରେ ଗୋଟିଏ କୋଣରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଏ । ଏବଂ ମାଛ ମାନେ ସେଠାକୁ ଆସି ଖାଆନ୍ତି ।

## ବାୟୁ ସଂଚାଳନ ଓ ଜଳ ପରିବ ର୍ନ :

ପୋଖରୀରେ ଥିବା ମାଛର ଘନତାକୁ ଦେଖି କେତେବେଳେ ଜଳ ଭ ର୍ କରିବା ଆବଶ୍ୟକ ହୁଏ । ଅମ୍ଳଜାନର ଅଭାବ ଦେଖାଦେଲେ ପୋଖରୀ ଭିତରେ ପାଣିକୁ ବାଡ଼ିରେ ବାଡ଼େଇଲେ ବାୟୁମଣ୍ଡଳରୁ ଅମ୍ଳଜାନ ପାଣିରେ ଦ୍ରବୀଭୂତ ହୁଏ । ପାଣିରେ ସେହି ସମୟରେ ଚୂନ ପକାଇଲେ ଅମ୍ଳଜାନ ବଢ଼େ ଓ ମାଛ ବିପଦରୁ ରକ୍ଷା ପାଇଥାଏ ।

## ରୋଗପୋକ ନିରାକରଣ:-

ମାଛ ମାନଙ୍କୁ ସାଧାରଣ ପ୍ରତିଷେଧକ ସ୍ୱରୂପ ଶତକଡ଼ା ୦.୩୮ ପଟାସିୟମ ପରମାଙ୍ଗନେଟ ଦ୍ରବଣରେ ବୁଡ଼ାଇ ପୁନର୍ବାର ପାଣିରେ ଛାଡ଼ିଦେଲେ ଏହା ରୋଗ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମାଛର ଦେହ ଉପରେ ଖଦଡ଼ା ଧଳା ଚିହ୍ନ କିମ୍ବା ନାଲି ଛାପା,ଚମଡ଼ାରେ ଘା ବା କ୍ଷତ ପର ଓ ଲାଂଜ ଛାଡ଼ିବା,ଆଖି ଚାରିପାଖ ଧଳା ହେବା ମୁଣ୍ଡ ଓ ଦେହ ସାରା ଘା ହେବା , ଲାଂଜରେ ଚିହ୍ନ ଇତ୍ୟାଦି ଦେଖାଦେଲେ ବିଶେଷଜ୍ଞ ମାନଙ୍କ ପରାମର୍ଶ ନେବା ଉଚିତ୍ । ଉକୁଣି ରୋଗ ପାଇଁ ମାଛକୁ ୦.୧ ଇସି ମାଲାଥିଅନ ଦ୍ରବଣରେ ବୁଡ଼ାଇ ଦଶ ଦିନ ଅନ୍ତରରେ ତିନିଥର ପର୍ଯ୍ୟନ୍ତ ଉପକାର କରିବାକୁ ହେବ ।

**ଅମଳ:-** ସାଧାରଣତଃ ୧୦ମାସରୁ ୧ ବର୍ଷ ଚାଷ ପରେ ମାଛ ଗୁଡ଼ିକୁ ସମ୍ପୂର୍ଣ୍ଣ ଅମଳ କରି ପୁନର୍ବାର ମାଛ ଚାଷ ଜମି ପ୍ରସ୍ତୁତି ଆରମ୍ଭ କରିବା ଉଚିତ୍ ।

| ମାଛଜାତି | ମିଶ୍ରିତ ଅନୁପାତ | | |
|---|---|---|---|
| | ୩ ପ୍ରକାର | ୪ ପ୍ରକାର | ୬ ପ୍ରକାର |
| ଭାକୁର | ୪ | ୩ | ୧.୫ |
| ରୋହି | ୩ | ୩ | ୨.୦ |
| ମିରୀକାଳୀ | ୩ | ୨ | ୧.୫ |
| ଜୟନ୍ତକାର୍ପ | | ୨ | ୨.୦ |
| ସିଲଭର କାର୍ପ | | | ୧.୫ |
| ଗ୍ରାସକାର୍ପ | | | ୧.୫ |

ଚତୁର୍ଥ ବର୍ଷ,
ମତ୍ସ୍ୟବିଜ୍ଞାନ ଛାତ୍ର
ସେଂ ୁରିଆନ
ବିଶ୍ୱବିଦ୍ୟାଳୟ,
ପାରଳାଖେମୁଣ୍ଡି



# Health Benefits of Fish

**Fish has high consumer preference due to its inherent nutritive values, taste and easy digestibility. Fish is considered a healthy food and recommended by nutritionists and doctors as an ideal food to take care of almost all the nutritional requirements of man in all stages. Fish is particularly advised for children, pregnant women and lactating mothers and old people. It is cheap source of good protein and often referred as —rich food for poor people. Some of the fishes and the fish products possess good therapeutical factors which makes them highly medicinal.**



## Benefits from eating fish

Fish is a low-fat high quality protein. Fish protein offers fewer calories than a similar-sized portion of meat It is filled with omega-3 fatty acids and vitamins such as D and B2 (riboflavin). Fish is rich in calcium and phosphorus and a great source of minerals, such as iron, zinc, iodine, magnesium, and potassium. Fish are low in sodium and are a good source of potassium.Fish oil in the fish tissues contain omega 3 fatty acid like Eicosa pentaenoic acid (EPA) and Docosahexaenoic acid (DHA). Our bodies don't produce omega-3 fatty acids so we must get them through the food we eat. The numerous benefits of consumption of omega 3 fatty acids through fish is that it

- Helps maintain a healthy heart by lowering blood pressure and reducing the risk of sudden death, heart attack, abnormal heart rhythms, and strokes. They can help the blood flow better in your veins thereby reducing the risk of heart attack. Omega3s can reduce the amount of triglycerides in your blood, which are blood fats very similar to cholesterol, thereby reducing your risk of heart disease
- Our brain is made up of around 60% fat and half of that fat is DHA. It helps in

Brain Development, Visual development and higher birth weight of Infants

- Development of vision and nerves of the infant during pregnancy. May reduce an infant's sensitization to common food allergens and reduce the prevalence and severity of certain skin diseases in the first year of life. This effect may persist until adolescence with a reduction in prevalence and/or severity of eczema and asthma
- May prevent preterm labour and delivery
- May decrease the risk of depression, ADHD, Alzheimer's disease, schizophrenia, dementia, and diabetes.
- It prevents inflammation and thus reduce the risk of arthritis and psoriasis
- Anticancerous especially against breast, colon and prostrate cancer

**Dr Tanuja S** , Scientist (Fish Processing Technology),
ICAR-Central Institute for Women in AgriculturePlot
No.50-51, Mouza-Jokalandi, Baramunda,
Bhubaneswar- 751 003, Odisha
PH: 8260374440



# ZERO BUDGET FARMING IN RELATION TO PRESENT AND FUTURE OF INDIAN AGRICULTURE

The population of India comes in the 2nd position in the world. The 1st green revolutionary ideas has saved millions of Indians

by providing sufficient amount of food everyday to meet their required amount of nutrients. But the increasing population and food demands has put a lot of pressure onn the "food producing resources". The soil quality , environment quality , food quality is slowly degrading with the farming principles of green revolution of 1960's. And surveys continuously reports that by 2050, 60 per cent of India's population will experience severe deficiencies in calories, digestible protein and fat as many scientists have claimed through many researches. These changes in agriculture has risen an alarm in the farmer's mind to change these old age practices and develop some new techniques and adopt it so that there occurs no danger with the agricultural resources in the future of agriculture. This alertness has given rise to the development of a new farming system called as "ZERO BUDGET NATURAL FARMING".

In many states, farmers are in huge debt due to rising agriculture costs of seeds, farm inputs and inaccessible markets. The high-interest rates for credit or loans that the farmers take from the easiest available lender made farming unviable. Zero-Budget Natural Farming (ZBNF)



is rooted in Indian tradition and a holistic alternative to the present scenario of high-cost chemical inputs-based agriculture. It is very effective in addressing the uncertainties of climate change. ZBNF principles satisfies the principles of Agro - ecology. Zero budget natural farming started as a grassroots movement, aiming to provide multiple benefits, both to the environment and to farmers. The inputs used for seed treatments and other inocluations are locally available in the form of cow dung and cow urine. At the same time, ZBNF crops helps in retaining soil fertility and is climate change resilient. Farming is done in sync with the nature not through chemical fertilizers.

**PRINCIPLES OF ZERO BUDGET NATURAL FARMING –**

ZBNF also has some principles which has to be followed by any farmer who adopts this farming. ZBNF emphasizes on the use of natural or organic inputs into the field. The main components of ZBNF are " Bijamrita ", " Jeevamrita " , " Waaphasa " and " Mulching ". These terms explain the procedures and advantages related to zero budget natural farming. "Bijamitra' means treating of the seeds with cowdung and cow urine, "Jeevamitra" means application of inoculation made by cow dung and cow urine ,

"mulching " and "waaphasa" are managing of soil. These principles is regarded to be acting in enriching the soil quality and providing the plants a better environment and adequate amount of nutrients to grow properly and produce a better yield as expected. It is expected that following these principles of ZBNF , a farmer can get his expected yield of crops.

**CONCLUSION -** Zero budget farming is very useful in reducing the cost of cultivation of crops but when seen on a larger scale it cannot be enough to balance the food requirements of population of India in the future. Farmers with small land holdings may not get enough success or output from ZBNF. Our agriculture system has completely been dependent on the usage of fertilizers as the economy of agriculture is what being focused by the farmer to feed his family and fulfill its requirement. ZBNF is a slow process of gaining yield and it requires utter patience of the farmer for obtaining the desired yield. ZBNF can enhance the fertility of soil very quickly but it may not increase the nutrient content and cannot maintain the all time requirement capacity of essential nutrients for the plants.

Looking at the future requirements of the country , ZBNF should be focused as a trail for several uses and the main focus should be given on increasing the nutritional contents of the inputs used in ZBNF. If the nutritional capacity and content of the inputs can be increased or if alternative inputs can be used then it should be given a chance to be used in ZBNF. Scope of adopting ZBNF is higher but before adopting it , a overall look should be done on its advantages and impacts on Indian agriculture.

**Sameer Mohapatra ,**
**Paralakhemundi**